## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଯୋଡ଼ା,(ଡି.ଏନ.ଏ): କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ାସ୍ଥିତ ଟାଟା କମ୍ପାନୀ ଡାକ୍ତରଖାନା ସମ୍ମୁଖରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ କମାର ଯୋଡ଼ାର ଶକ୍ତିକାନ୍ତ ବିହାରୀ। ତାଙ୍କୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲେ ହେଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ବୁଧବାର ବିଳମ୍ବିତ ରାତିରେ ପଲସର ଓଡ଼ି-୦ ୯ପି-୦୯୩୯ ଯୋଗେ ଘରକୁ ଫେରୁଥିଲେ।



## ସଂକ୍ଷେପରେ

### ଜଳିଗଲା ୮ ଦୋକାନ

ବାରିପଦା ଅଫିସ,୮।୧୨- ମୟୂରଭଞ୍ଜ ଜିଲା ବାରିପଦା ସରକାରୀ ବସ୍‌ଷ୍ଟାଣ୍ଡଠାରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୮ ଦୋକାନ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିକଟରେ ପେଟ୍ରୋଲ ପମ୍ପ ଥିବାରୁ ଏକ ବଡ଼ ଧରଣର ଅଘଟଣରୁ ରକ୍ଷା ମିଳିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଘଟି ଥାଇପାରେ ବୋଲି ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ସୂଚନା ଦେଇଛନ୍ତି।

### ଆଧାର ଲିଙ୍କ୍ ବାହାନାରେ ଠକେଇ
### ଡିମ୍ବୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗିରଫ

କେନ୍ଦୁଝର, ୮।୧୨ (ସ୍ୱ.ପ୍ର.): ଠକେଇ ଅଭିଯୋଗରେ କେନ୍ଦୁଝର ଜିଲା ସଦର ବ୍ଲକ୍ ଡିମ୍ବୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଖିଳଚନ୍ଦ୍ର ନାୟକଙ୍କୁ ଟାଉନ ପୋଲିସ ଗିରଫ କରିଛି। ସେ ଜଣେ ବୃଦ୍ଧାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଆଧାର ଲିଙ୍କ୍ ବାହାନାରେ ଟଙ୍କା ଉଠାଇ ନେଇଥିଲେ। ଜାମିନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ପଞ୍ଚାୟତ ଅଧୀନ ବାଇଗଣପଶି ଗ୍ରାମର ମିଞ୍ଚାରୀ ମୁଣ୍ଡାଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ୍ କରିଦେବାକୁ କହି ଅଭିଯୁକ୍ତ ୩ଟା ଫର୍ମରେ ଟିପ ଚିହ୍ନ ନେଇଯାଇଥିଲେ। ଟିପ ଚିହ୍ନ ନେବାର କିଛି ଦିନ ପରେ ପାସବୁକ୍ ଅପଡେଟ୍ ପାଇଁ ବୃଦ୍ଧାଙ୍କ ପୁତୁରା ଘନଶ୍ୟାମ ମୁଣ୍ଡା ବ୍ୟାଙ୍କକୁ ଯାଇଥିଲେ। ୨୦୨୨ ନଭେମ୍ବର ୧୭ରେ ଦୁଇ ଥରରେ ୪୦ ହଜାର ଟଙ୍କା ଉଠା ଯାଇଥିବା ଜଣାପଡ଼ିଥିଲା। ପରେ ଘନଶ୍ୟାମ ଟଙ୍କା ବିଷୟରେ ଅଖିଳଙ୍କୁ ପଚାରିବାରୁ ପ୍ରଥମେ ଜାଣି ନ ଥିବା ଓ ପରେ ୨୦ ହଜାର ଟଙ୍କା ଉଠାଇଥିବା କହିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୫୦୩/୨୦୨୨ ଦଫା ୪୨୦ରେ ମାମଲା ରୁଜୁ କରିଥିବା ତଦନ୍ତକାରୀ ଅଧିକାରୀ ଗୌରାଙ୍ଗ ବେହେରା କହିଛନ୍ତି।

### ଦୁର୍ଘଟଣାରେ ଗୁରୁତର ଖବରଦାତାଙ୍କ ମୃତ୍ୟୁ

ଧାମନଗର,୮।୧୨ (ଡି.ଏନ୍.ଏ.)- ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବାଇକ୍‌ରେ ପୁରୀ ଯାଉଥିବା ବେଳେ କଟକଠାରେ ଦୁର୍ଘଟଣାର ଶିକାର ହୋଇଥିଲେ ଦୁଇସାଙ୍ଗ। ଘଟଣାସ୍ଥଳରେ ସାଙ୍ଗର ମୃତ୍ୟୁ ଘଟିଥିବା



ବେଳେ ଗୁରୁତର ହୋଇଥିବା ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଖବରଦାତା ହରେକୃଷ୍ଣ ରଣା (୨୧) ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଉକ୍ତ ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ କଟକର ଏକ ଘରୋଇ ଡାକ୍ତରଖାନାରେ ସୋମବାର ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କ ମୃତଶରୀର ଆନନ୍ଦପୁର ପଞ୍ଚାୟତ ପାହଡ଼ପୁର ଗ୍ରାମକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ସେ ଜଣେ ଯୁବ ଖବରଦାତା ଭାବେ ଧାମନଗର ଓ ଭଣ୍ଡାରିପୋଖରୀ ଅଞ୍ଚଳରେ ଅଳ୍ପଦିନ ମଧ୍ୟରେ ବେଶ୍ ପରିଚିତ ଥିଲେ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପା ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ପୂର୍ବତନ ସରପଞ୍ଚ ବିଜୟ ଦାସ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ପ୍ରମୋଦ ଆଦିଆ, ନାରାୟଣ ଚନ୍ଦ୍ର ପୃଷ୍ଟି, ବିଶ୍ୱନାଥ ମିଶ୍ର, ଦେବେନ୍ଦ୍ର ଆଦିଆ, ପ୍ରମୋଦ ବେହେରା, ନରହରି ଦାଶ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ସାରସକଣା,୮।୧୨(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ ପଞ୍ଚାୟତ ଅନ୍ତର୍ଗତ ଅନ୍ଧାରୀ ଫୁଟବଲ ପଡ଼ିଆରେ ନବକିଶୋର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୨ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାକୁ ଝାରପୋଖରିଆ ନାଏବ ସରପଞ୍ଚ ମଣିଶଙ୍କର ବାରିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୁଖ୍ୟ ବକ୍ତା ପୂର୍ବତନ ସାରସକଣା ବିଧାୟକ ଭାଦବ ହାଁସଦା, ସମ୍ମାନୀତ ଅତିଥି ଯୁବ ନେତା ବିଶ୍ୱନାଥ ମହାନ୍ତ, ପୂର୍ବତନ ଅଧକ୍ଷ ଦୁର୍ଗା ମୁର୍ମୁ ଏବଂ ସାମାଜିକ କର୍ମୀ ଅମର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଗୋବିନ୍ଦ ହାଁସଦା ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଷ୍ଟୁଡେଣ୍ଟ ୟୁନିଅନ ଏଫ୍‌ସି ଓ ବଜରଙ୍ଗବାଲି ଏଫ୍‌ସି ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚରେ ବଜରଙ୍ଗବାଲି ଏଫ୍‌ସି ବିଜୟ ଲାଭ କରିଥିଲା।

# ପ୍ରତାପପୁରରେ ଉଦ୍‌ଘାଟନ, ଡଗରାରେ ବିରୋଧ

ବାଲିଆପାଳ, ୮।୧୨(ସ୍ୱ.ପ୍ର.)





ପ୍ରତାପପୁରଠାରେ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି ଓ ଡଗରାରେ ବିପକ୍ଷବାଦୀଙ୍କ ପକ୍ଷରୁ କୁଶପୁତ୍ତଳିକା ଦାହ।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚଉମୁଖଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ବିବାଦ ପିଛା ଛାଡ଼ିବାର ନାଁ ଧରୁନି। ଗୁରୁବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ପ୍ରତାପପୁରଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟାଳୟ ଉଦ୍‌ଘାଟନ କରୁଥିବା ବେଳେ ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ଡଗରା ବଡ଼ଗୁମୁଟି ଛକ ନିକଟରେ ଥିବା ପ୍ରବେଶ ଦ୍ୱାର ଫାଟକ ଆଗରେ ଟାଟା କମ୍ପାନୀର କୁଶପୁତ୍ତଳିକା ଦାହ କରିଛନ୍ତି।

ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସୁବର୍ଣ୍ଣରେଖା ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା କାଳିପଦା ବଜାର ନିକଟସ୍ଥ ପ୍ରତାପପୁରରେ ଗୁରୁବାର ଜିଲାପାଳ ଶିନ୍ଦେଙ୍କ ଦ୍ୱାରା ବନ୍ଦର କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣରେଖା ବନ୍ଦର ସିଇଓ ପ୍ରକାଶ ସିଂ, ଡେଭଲପର ପ୍ରମୋଦ କୁମାରଙ୍କ ସହିତ ବହୁ ବନ୍ଦର ଉପରିସ୍ଥ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଭିଟାମାଟି ସୁରକ୍ଷା ପାଇଁ ବନ୍ଦର ବିରୋଧୀ ଆନ୍ଦୋଳନ ଦିନକୁ ଦିନ ତେଜିବାରେ ଲାଗିଛି। ସମୁଦ୍ର ଉପକୂଳ ୬ଟି ପଞ୍ଚାୟତବାସୀ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ବନ୍ଦର କରାଇ ନ ଦେବାର ବଜ୍ରଶପଥରେ ବାନ୍ଧି ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। ଗୁରୁବାର ବନ୍ଦରକୁ ବିରୋଧ

**ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟାଳୟ**

ପ୍ରଦର୍ଶନ କରି ପ୍ରତାପପୁରଠାରେ ବନ୍ଦର କାର୍ଯ୍ୟାଳୟ ଉଦ୍‌ଘାଟନ ଚାଲିଥିବା ବେଳେ ଟାଟା କମ୍ପାନୀର କୁଶପୁତ୍ତଳିକା ଦାହ ଏକ ରୋଚକ ମୋଡ଼ ନେଇଛି। ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ବାଲିଆପାଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଜନ ନାୟକ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଭିଟାମାଟି ସୁରକ୍ଷା କମିଟି ଯୁବ ନେତୃତ୍ୱ ତୀର୍ଥ ନାଗ, ହରେକୃଷ୍ଣ ସେନାପତି, ହରେକୃଷ୍ଣ ମହାନ୍ତି, ପ୍ରଶାନ୍ତ ଦାସ, ହୃଷୀକେଶ ପଣ୍ଡା, ମଣ୍ଟୁ ମହାନ୍ତି, ଜୟକୃଷ୍ଣ ଜେନା, ମାୟାଧର କୁଲ୍ହାରୀ, ଯତୀନ୍ଦ୍ର କୁଲ୍ହାରୀ, ରବୀନ୍ଦ୍ର ଜେନା, ଅଚ୍ୟୁତ ବେହେରାଙ୍କ ସହିତ ଶହ ଶହ ମହିଳା ପୁରୁଷ ବନ୍ଦର ବିରୋଧୀ ନାରା ଟାଟା କମ୍ପାନୀ ଦଲାଲି ଚାଲିବ ନାହିଁ, ଟାଟା କମ୍ପାନୀ ଗୋ ବ୍ୟାକ ଆଦି ନାରାବାଜି ଦେଇଥିଲେ।

# ୩ ସୁରକ୍ଷାକର୍ମୀ ଆହତ

## ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ

ବାଲେଶ୍ୱର ଅଫିସ, ୮।୧୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଣେ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡରେ କାର୍ଯ୍ୟରତ ୩ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଏନେଇ ମେଡ଼ିକାଲ କର୍ତ୍ତୃପକ୍ଷ ନିକଟରେ ସୁରକ୍ଷାକର୍ମୀମାନଙ୍କ ପକ୍ଷରୁ ସମ୍ପୃକ୍ତ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲିଖିତ ଅଭିଯୋଗ କରାଯାଇଛି।

ଏକ ଘରୋଇ ଆମ୍ବୁଲାନ୍ସ ରୋଗୀଙ୍କୁ ମେଡ଼ିକାଲରେ ଛାଡ଼ିବା ପରେ ରୋଗୀ ସମ୍ପର୍କୀୟମାନଙ୍କ ସହ ଝଗଡ଼ା କରିବା ସହ ସେମାନଙ୍କୁ ମାଡ଼ ମାରିବା ପାଇଁ ଉଦ୍ୟମ କରିଥିଲେ। ଏହାକୁ ଦେଖି ସେଠାରେ କାର୍ଯ୍ୟରତ ସୁରକ୍ଷାକର୍ମୀ ସମ୍ପୃକ୍ତ ଡ୍ରାଇଭରଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ କହିଥିଲେ। ମାତ୍ର ଡ୍ରାଇଭର ଜଣଙ୍କ ଏତେ ମାତ୍ରାରେ ଉତ୍ୟକ୍ତ ହୋଇଯାଇଥିଲେ ଯେ ତାଙ୍କୁ ବୁଝାସୁଝା କରୁଥିବା ୩ଜଣ ସୁରକ୍ଷାକର୍ମୀଙ୍କୁ ମାଡ଼ ମାରିବା ସହ ଇଟା, ପଥର ଫିଙ୍ଗିଥିଲେ। ଏହାପରେ ହାତରେ ଏକ ସ୍କୃ ଡ୍ରାଇଭର ଧରି ସୁରକ୍ଷାକର୍ମୀମାନଙ୍କୁ ଆକ୍ରମଣ ପାଇଁ ଗୋଡ଼ାଇଥିଲେ। ଏ ବିଷୟରେ ସୁରକ୍ଷାକର୍ମୀମାନେ ମେଡ଼ିକାଲ ଫାଣ୍ଡିରେ ଜଣାଇବା ପରେ ପିସିଆର ଭ୍ୟାନ ମେଡିକାଲ ପରିସରରେ ପହଞ୍ଚିଥିଲା। ମାତ୍ର ସେତେବେଳକୁ ଉନ୍ମତ୍ତକାଣ୍ଡ ଭିଆଇଥିବା ସମ୍ପୃକ୍ତ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମେଡ଼ିକାଲରେ କାର୍ଯ୍ୟରତ ସମସ୍ତ ସୁରକ୍ଷାକର୍ମୀ କାର୍ଯ୍ୟ ଛାଡ଼ି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପାଖରେ ଫେରାଦ ହୋଇ ସମ୍ପୃକ୍ତ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ।

# ପଶ୍ଚିମବଙ୍ଗ ଆଡାମାସ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ





ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ବାଲେଶ୍ୱର ଅଫିସ, ୮।୧୨

## ମହିଳା ଭଲିବଲ୍ ଉଦ୍‌ଯାପିତ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗତ ୫ତାରିଖଠାରୁ ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳାବର୍ଗ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଶ୍ଚିମବଙ୍ଗ ଆଡାମାସ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ କିଟ୍ (କେଆଇଟି) ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଥିଲା। ଏହି କ୍ରମରେ ୟୁନିଭର୍ସିଟି ଅଫ୍ କାଲ୍‌କାଟା ଓ ପଶ୍ଚିମବଙ୍ଗ ବର୍ଦ୍ଧମାନ ୟୁନିଭର୍ସିଟି ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲା।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ, କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ। ଏହି ୪ଟି ବିଜେତା ଦଳ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଛନ୍ତି। ଏହି ଖେଳାଳିମାନଙ୍କ ମଧ୍ୟରେ ଅନେକ ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ମ୍ୟାଚ୍ ଖେଳିବା ପାଇଁ ଯୋଗ୍ୟ ଅଟନ୍ତି।

## ନାବାଳିକାଙ୍କୁ ଅପହରଣ ମାମଲାରେ ଯୁବକ ଗିରଫ

ଆନନ୍ଦପୁର,୮।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୁଲିସ ଏକ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଆନନ୍ଦପୁର ପୌରପରିଷଦ ଫକିରପୁର ୧୦ ନଂ. ୱାର୍ଡ଼ର ବିଦ୍ୟାଧର ଜେନା(୩୦)। ନାବାଳିକା ଅପହରଣ ଘଟଣାକୁ ନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ଆନନ୍ଦପୁର ପୋଲିସ କେସ୍ ନଂ. ୨୮୪/୨୨ରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଗତ ୧୧ ତାରିଖରେ ନାବାଳିକାକୁ ଅପହରଣ କରି ଫେରାର ହୋଇଯାଇଥିଲା। ରାମଚନ୍ଦ୍ରପୁର ଥାନା ଅଧୀନ ନିଜ ସମ୍ପର୍କୀୟଙ୍କ ଘରେ ଥିବା ସୂଚନା ପାଇ ଆନନ୍ଦପୁର ପୁଲିସ ଚଢ଼ାଉ କରି ଗିରଫ କରିଥିଲା। ଡାକ୍ତରୀମାଇନା ପରେ ତାଙ୍କୁ ଅତିରିକ୍ତ ଜିଲା ଦୌରାଜଜ୍‌ରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ମୋରଡ଼ା,୮।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ମୋରଡ଼ା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ମନମୋହନ ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗୋରୁଡ଼ବସା ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷକ ସନ୍ତୋଷ କୁମାର ବେହେରା, ଗଡିଗାଁ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପାଳ, ଅବସରପ୍ରାପ୍ତ ଶିକ୍ଷକ କମଳଲୋଚନ ବେହେରା, ମୋରଡ଼ା ସରପଞ୍ଚ ରବୀନ୍ଦ୍ର ସିଂ ଅତିଥି ଭାବେ ଯୋଗ ଦେଇଥିଲେ।

ପ୍ରଥମ ଦିନରେ ମୋଟ ୧୫ଟି ବିଭାଗରେ ଖେଳ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ୭ଟି ଖେଳ ହୋଇଥିଲା। ଉଦଯାପନୀ ଉତ୍ସବରେ ବିଡ଼ିଓ ସାଗର ପାଲୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାବା ଜଟେଶ୍ୱର ମହାବିଦ୍ୟାଳୟର ଅଧ୍ୟାପିକା ନମିତା ଦାସ, କମଳଲୋଚନ ବେହେରା, ଅଜୟ କୁମାର ପାଳ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ସିନିୟର ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଛାତ୍ର ସନ୍ତୋଷ ହେମ୍ବ୍ରମ ଓ ଛାତ୍ରୀ ଅର୍ପିତା ଦେହୁରୀ ଓ ଜୁନିୟର ବିଭାଗରେ ଛାତ୍ର ପ୍ରକାଶ ମାର୍ଣ୍ଡି ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।





କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଖତ ଖାଉଛି ୨ କୋଟିର ଚନ୍ଦନ କାଠ

**୧୪ ବର୍ଷ ପୂର୍ବେ ଜବତ ହୋଇଥିଲା**

ଜଳେଶ୍ୱର, ୮।୧୨(ଡି.ଏନ.ଏ.)

ଦୀର୍ଘ ୧୪ବର୍ଷ ପୂର୍ବେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଧରାଯାଇଥିବା ୨କୋଟି ଟଙ୍କାର ଚନ୍ଦନ କାଠ ଏବେ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଖତ ଖାଉଛି। ଏହାର ସଦୁପଯୋଗ ଓ ସୁରକ୍ଷା କରାଯିବା ନେଇ ବିଭିନ୍ନ ମହଲରୁ ଦାବି ହୋଇଛି।

୬୦ନଂ. ଜାତୀୟ ରାଜପଥ ଦେଇ ଏକ ପିକ୍‌ଅପ୍‌ରେ ୨୪୭ଖଣ୍ଡ ଚନ୍ଦନକାଠ ଓଡ଼ିଶାରୁ ପଶ୍ଚିମବଙ୍ଗ ଚାଲାଣ ବେଳେ କେତେଜଣ ଅଜଣା ବ୍ୟକ୍ତି ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। କିନ୍ତୁ କର୍ମଚାରୀମାନେ ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟ ତନଖି ଫାଟକରେ ଚଢ଼ାଉ କରି ସେଗୁଡ଼ିକୁ ଜବତ କରିଥିଲେ। ପରେ ତାର ଓଜନ ୬୧ କୁଇଣ୍ଟାଲ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏସବୁର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ରେଞ୍ଜ ଅଫିସର ଗୋଦାମ ଘରେ ଏସବୁ କାଠ ଠୁଳ ହୋଇଥିବା ବେଳେ କେତେକ ନଷ୍ଟ ହେବାକୁ ବସିଲାଣି। ଅନ୍ୟପକ୍ଷରେ ଏ ସମ୍ପର୍କରେ ରେଞ୍ଜର ଜୟଶ୍ରୀ ମୁର୍ମୁ କହିଛନ୍ତି ଯେ, ସେନେଇ ମାମଲା ରୁଜୁ ହୋଇଥିବା ଓ ତାହା ବିଚାରାଧୀନ ଥିବାରୁ ତାହା ଜମା ରଖାଯାଇଛି। ପ୍ରତିଦିନ ୬୦ନଂ. ଜାତୀୟ ରାଜପଥରେ ବ୍ୟାପକ କାଠ ଚାଲାଣ ହେଉଥିବାରୁ ଅଭିଯୋଗ ହୋଇଆସୁଛି। କେତେକ ସମୟରେ କର୍ମକର୍ତ୍ତା ଚଢ଼ାଉ କରୁଥିଲେ ମଧ୍ୟ ଗଞ୍ଜେଇ, ଲାଖ, କଇଁଛ, ବେଙ୍ଗ ଓ କେତେକ ବନଜାତ ଦ୍ରବ୍ୟ ଚୋରାରେ ଚାଲାଣ ହୋଇଆସୁଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଜଳେଶ୍ୱର ବନ ବିଭାଗ ଅଧୀନରେ ରାଇବଣିଆ, ସୁଖଯୋଡି, କେନ୍ଦୁଖୁଣ୍ଟା, ଜଳେଶ୍ୱର, ଆମ୍ବଳିଅଠା, କମର୍ଦ୍ଦା, ଖଡିବିଲ, ନାରାୟଣ ମହାନ୍ତି ପଡିଆ ଓ ଉଦୟପୁରଠାରେ ବିଟ୍ ହାଉସ୍ ରହିଥିଲେ ମଧ୍ୟ ଅଧିକ ବିଟ୍ ହାଉସ୍ ଓ କର୍ମଚାରୀ ଆବଶ୍ୟକତା ରହିଛି। କାର୍ଯ୍ୟାଳୟ ପରିସରରେ ବହୁ ଯାନ, ଦାମୀ କାଠ ନଷ୍ଟ ହେଉଥିବା ବେଳେ ଏସବୁର ସୁରକ୍ଷା ପ୍ରତି ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ବିଭାଗକୁ ବହୁ ତଣ୍ଡ ଗଣିବାକୁ ପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ପୋଖରୀରେ ବୁଡ଼ି ଶିଶୁ ମୃତ

ଚାନ୍ଦବାଲି,୮।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବଡ଼ଓଣ୍ଡିଆ ପଞ୍ଚାୟତ ବେତଦଅଣ ଗାଁର ତ୍ରିଲୋଚନ ବାରିକଙ୍କ ପୁଅ ସାଇ(୨)ଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସାଇ ତାଙ୍କ ମା'ଙ୍କ ସହ ଚାନ୍ଦବାଲି ଏନ୍‌ଏସି ଅଧୀନ ନୟାହାଟସ୍ଥିତ ମାମୁଘରକୁ ଆସିଥିଲେ। ଘର ନିକଟରେ ଖେଳୁଥିବା ବେଳେ ସେ ଏକ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନିକଲ୍‌ସନ ବନ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ଚମ୍ପୁଆ,୮।୧୨(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାରେ ଥିବା ସରକାରୀ ନିକଲ୍‌ସନ ବନ ବିଦ୍ୟାଳୟର ୧୦୬ତମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆର୍‌ସିସିଏଫ୍ ଅରୁଣ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ହନୁମନ୍ତ, ସିସିଏଫ୍ ଅକ୍ଷୟ ପଟ୍ଟନାୟକ, ଡିସିଏଫ୍ ତଥା ବନ ବିଦ୍ୟାଳୟର ଅଧ୍ୟକ୍ଷ ପ୍ୟାରୀମୋହନ ମାଝି, ଏସିଏଫ୍ ସତ୍ୟବ୍ରତ ମହାନ୍ତି, ଶାରୀରିକ ପ୍ରଶିକ୍ଷକ ଅସିଦ ଗିରି ପ୍ରମୁଖ ଯୋଗ ଦେଇଥିଲେ। ୩୦ଜଣ ପୁରୁଷ ଓ ୧୫ଜଣ ମହିଳା ମୋଟ ୪୫ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସକାଳ ୯ଟାରେ ଆୟୋଜିତ ସମ୍ମିଳିତ ପରେଡ୍ ଉତ୍ସବରେ ଅତିଥିମାନେ ଯୋଗଦେଇ ପରିଦର୍ଶନ କରିଥିଲେ। ମଧ୍ୟାହ୍ନରେ ବିଦ୍ୟାଳୟ ସଭାଗୃହରେ ସମାବର୍ତ୍ତନ ଉତ୍ସବ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଥିଲା। ୪୫ଜଣ ପଦୋନ୍ନତୀ ପାଇଥିବା ଫରେଷ୍ଟରଙ୍କୁ ନେଇ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ଧୈର୍ଯ୍ୟର ସହ କାର୍ଯ୍ୟନିର୍ବାହ କରିବା ଓ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହେବା ଉପରେ ମତ ରଖିଥିଲେ। ବିଶେଷକରି ପରିବେଶର ସୁରକ୍ଷା କରୁଥିବା ବୃକ୍ଷରାଜି ବା ଜଙ୍ଗଲ ସହ ଜନସାଧାରଣଙ୍କୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ କରିବା, ପ୍ରଶିକ୍ଷଣ କେନ୍ଦ୍ରରେ ଦିଆଯାଇଥିବା ବିଭିନ୍ନ ଶିକ୍ଷାକୁ କର୍ମ କ୍ଷେତ୍ରରେ ଲଗାଇ ପାରିଲେ ନିଜକୁ ଜଣେ ବଳିଷ୍ଠ ବନ କର୍ମଚାରୀ ଭାବେ ପ୍ରତିପାଦନ କରିପାରିବେ ବୋଲି ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ଅନୁଷ୍ଠିତ ପରେଡ୍।

# ପୌର କାର୍ଯ୍ୟାଳୟ ଘେରିଲା କଂଗ୍ରେସ

## ନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

ଭଦ୍ରକ ଅଫିସ,୮।୧୨

ଭଦ୍ରକ ପୌର ନିର୍ବାହୀ ଅଧିକାରୀଙ୍କ ବଦଳି ଦାବିରେ ସ୍ୱାଧୀନ ଓ କଂଗ୍ରେସ କାଉନସିଲରମାନେ ଗତ ନଭେମ୍ବର ୩୦ରୁ ଧାରଣା ଦେବା ପରେ ଚଳିତ ମାସ ୬ ତାରିଖଠାରୁ ୩ ଜଣ ଆମରଣ ଅନଶନ ଆରମ୍ଭ କରିଥିଲେ। ଭଦ୍ରକ ବିଧାନସଭା କ୍ଷେତ୍ର କଂଗ୍ରେସ ଉକ୍ତ ଆନ୍ଦୋଳନକୁ ନୈତିକ ସମର୍ଥନ ଜଣାଇଥିଲା। ଅନଶନରେ ବସିଥିବା କାଉନସିଲରମାନେ ଗୁରୁବାର ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଏଯାଏ ପ୍ରଶାସନ ପକ୍ଷରୁ ଦାବି ପୂରଣ କରାଯାଇ ନାହିଁ। ପ୍ରଶାସନର ଉଦାସୀନତା ବିରୋଧରେ ଗୁରୁବାର ଭଦ୍ରକ ବିଧାନସଭା କ୍ଷେତ୍ର କଂଗ୍ରେସ ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳୀୟ ନେତା ନଳିନୀ ମହାନ୍ତି, ଜିଲା ସଭାପତି ସୁବ୍ରତ ଦାସ, ନଗର କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାନ, ଆଶ୍ରଫ ଅଲ୍ଲୀ ଖାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ପରେ ଭଦ୍ରକ କଚେରୀ ମୋଡି ଛକ-ଭଦ୍ରକାଳୀ ରାସ୍ତାକୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରାଯାଇଥିଲା। ଦୀର୍ଘ ସମୟ ପରେ ଉପଜିଲାପାଳ ମନୋଜ ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୌର ପରିଷଦ ପାଇଁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଜଣେ ଅତିରିକ୍ତ ଉପଜିଲାପାଳଙ୍କୁ ପ୍ରଶାସକ ଭାବେ ନିଯୁକ୍ତି ଦିଆଯିବ ବୋଲି ଘୋଷଣା କରିଥିଲେ। ଏହାବ୍ୟତୀତ ପୌର ପ୍ରଶାସନର କାର୍ଯ୍ୟକୁ ଦେଖିବାକୁ ମଧ୍ୟ ଜଣେ ଅଧିକାରୀ ରହିବେ ବୋଲି କହିଥିଲେ। ପରେ ଉପଜିଲାପାଳ ପାତ୍ର କାଉନସିଲରମାନଙ୍କ ନିକଟକୁ ଯାଇ ସେମାନଙ୍କୁ ଅନଶନରୁ ଉଠାଇଥିଲେ।

ଭଦ୍ରକ ପୌରାଧ୍ୟକ୍ଷାଙ୍କ ପ୍ରତିନିଧି ଜାହିଦ ହବିବ୍ ଓ ନସିରୁଦ୍ଦିନ ଖାନ ପହଞ୍ଚି ଉକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପ୍ରଦ୍ୟୁମ୍ନ ଦାସ, ତନଭୀର ଖାନ, ବିଜୟ ବାରିକ, ରଞ୍ଜନ ଜେନା, ଏନାମୁଲ ହକ୍, ସେକ ସାହିଲ କାଦ୍ରୀ, ଇଲିୟାସ ଅଲ୍ଲୀ ଖାନ, ହେମନ୍ତ ମହାପାତ୍ର, ସେକ ସିରାଜୁଦ୍ଦିନ, ଟୋନୀ ଅଲ୍ଲୀ ପ୍ରମୁଖ ରାସ୍ତାରୋକୋରେ ସାମିଲ ଥିଲେ। ସୂଚନାଯୋଗ୍ୟ, ପୌର ନିର୍ବାହୀ ଅଧିକାରୀ ପୌରାଧ୍ୟକ୍ଷାଙ୍କୁ କୌଣସି ପ୍ରକାର ସହଯୋଗ କରୁ ନ ଥିବା, କାଉନସିଲରମାନଙ୍କ କଥା ଶୁଣୁ ନ ଥିବା ଆଦି ଅଭିଯୋଗ ହୋଇଥିଲା। କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଥିଲେ। ଏହାକୁ ସମର୍ଥନ ଜଣାଇ ନବନିର୍ମାଣ କୃଷକ ସଂଘର ମୁଖ୍ୟ ଅକ୍ଷୟ କୁମାର ବୁଧବାର ରାତିରେ ଧାରଣାସ୍ଥଳରେ ପହଞ୍ଚିଥିଲେ। ଗଣତନ୍ତ୍ରରେ ଲୋକ ଓ ଲୋକ ପ୍ରତିନିଧିଙ୍କ କଥା ଶୁଣୁ ନ ଥିବା ଅଫିସରଙ୍କର ପଦବୀରେ ରହିବା ନୈତିକ ଅଧିକାର ନାହିଁ ବୋଲି ସେ କହିଥିଲେ।



ପୌର କାର୍ଯ୍ୟାଳୟ ଆଗରେ ରାସ୍ତାରୋକୋ କରି ବସିଛନ୍ତି କଂଗ୍ରେସ ନେତା ଓ କର୍ମୀ।

**ବୃଦ୍ଧାଙ୍କ ମୃତଦେହ ଜବତ**

ବାଙ୍ଗିରିପୋଷି,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ସାପ୍ତାହିକ ହାଟରେ ଥିବା ପଞ୍ଚାୟତ ଗୃହ ସମ୍ମୁଖରୁ ଜଣେ ଅଜଣା ବୃଦ୍ଧାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ବୃଦ୍ଧା ଜଣକ ବାଙ୍ଗିରିପୋଷି ବଜାରରେ କିଛି ଦିନ ହେଲା ଭିକ୍ଷାବୃତ୍ତି କରି ପେଟ ପୋଷୁଥିବା ଦେଖିବାକୁ ମିଳିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି।

## ସଂକ୍ଷେପରେ

### ୧୨ରେ ପୌର କାର୍ଯ୍ୟାଳୟ ଘେରାଉ

ବାଲେଶ୍ୱର ଅଫିସ, ୮।୧୨-ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ତରଫରୁ ଗୁରୁବାର ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇ ବାଲେଶ୍ୱର ପୌରାଞ୍ଚଳର ୭ଟି ପ୍ରମୁଖ ସମସ୍ୟାକୁ ନେଇ ଛାତ୍ର କଂଗ୍ରେସ ଆସନ୍ତା ୧୨ତାରିଖରେ ପୌର କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନେଇଛି।

ମଶାଦାଉରୁ ରକ୍ଷା ପାଇଁ ନିୟମିତ ବ୍ୟବଧାନରେ ଧୂଆଁ ସ୍ପ୍ରେ ଏବଂ ନାଳ ନର୍ଦ୍ଦମାରେ ଲିକ୍ୟୁଡ ପକାଇବା, ସହରରେ ଅବହେଳିତ ହୋଇପଡ଼ିଥିବା ଗୋପବନ୍ଧୁ ପାର୍କ ଓ ଫକୀରମୋହନ ଶିଶୁ ଉଦ୍ୟାନର ଉନ୍ନତୀକରଣ କରିବା, ଟ୍ରାଫିକ୍ ବହୁଳ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରିବା, ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଂଜୋନ ବ୍ୟବସ୍ଥା କରିବା, ବୁଲା କୁକୁର ଓ ଗୋରୁଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବା, ବିଭିନ୍ନ ୱାର୍ଡ଼ରେ ଉନ୍ନୟନମୂଳକ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଏବଂ ଖତ ଖାଉଥିବା ପୁରୁଣା ସିଟିବସ୍ ଫେରାଇ ନୂତନ ଛୋଟ ବସ୍ ଆଣିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦାବିରେ ଛାତ୍ର କଂଗ୍ରେସ ପୌର କାର୍ଯ୍ୟାଳୟ ଘେରିବ ବୋଲି ସୂଚନା ଦିଆଯାଇଛି।

### ସୋର ଉପେନ୍ଦ୍ରନାଥ କଲେଜରେ ରକ୍ତଦାନ ଶିବିର

ସୋର, ୮।୧୨(ଡି.ଏନ.ଏ.)-ସୋର ୟୁଏନ୍ କଲେଜ ଯୁବ ରେଡ଼କ୍ରସ ଏବଂ ଜାତୀୟ ସେବା ଶିବିରର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ଶିବିରକୁ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଜନାର୍ଦ୍ଦନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଜିଲା ରକ୍ତଭଣ୍ଡାର ଡାକ୍ତର ବସନ୍ତ ଉପାଧ୍ୟାୟଙ୍କ ନେତୃତ୍ୱରେ ଆସିଥିବା ୬ଜଣିଆ ଟିମ୍ ରକ୍ତଦାତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଶିବିରକୁ ଯୁବ ରେଡ଼କ୍ରସ କାଉନସିଲର ମନୋଜ କୁମାର ମହାନ୍ତି, ଡ. କୃଷ୍ଣଚନ୍ଦ୍ର ଦାସ, ବିଜ୍ଞାନଦର୍ଶିନୀ ମହାପାତ୍ର, ଜାତୀୟ ସେବା ଶିବିର ଉପଦେଷ୍ଟା ପଦ୍ମଲୋଚନ ଭୂୟାଁ, ପ୍ରମିଳା ପାତ୍ର, ନିଶାକର ବେହେରା ଓ ଡ. ରବିନାରାୟଣ ପରିଡା ପରିଚାଳନା କରିଥିଲେ। ନରେନ୍ଦ୍ର ମହାଳିକ, ଅମ୍ବିକା ନାୟକ, ଗୌତମ ଗିରି ଏବଂ ନମିତା ଦାସ ପ୍ରମୁଖ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

### ମା' ଭୈରବୀଙ୍କ ପୀଠର ବାର୍ଷିକ ଉତ୍ସବ

ମୋରଡ଼ା,୮।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ମା' ଭୈରବୀଙ୍କ ପୀଠର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସ୍ଥାନୀୟ ରାଜାବନ୍ଧଠାରୁ ଘଟ ଉତ୍ତୋଳନ ପରେ ଏକ କଳସ ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ ସହିତ ମନ୍ଦିରକୁ ଆସିଥିଲା। ପାରମ୍ପରିକ ରୀତିନୀତିରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ମନ୍ଦିର ପ୍ରାଙ୍ଗଣରେ ହରିନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା।

### ବିପର୍ଯ୍ୟୟ ପ୍ରତିରୋଧକ୍ଷମ ଗୋଷ୍ଠୀ ବୈଠକ

ପଦ୍ମପୁର, ୮।୧୨(ଡି.ଏନ.ଏ.)- ଭଦ୍ରକର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁବାର ୭ ବ୍ଲକର ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ସରକାରୀ କର୍ମଚାରୀମାନଙ୍କୁ ନେଇ ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରତିରୋଧକ୍ଷମ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବନ୍ୟା ଓ ବାତ୍ୟା ବିପର୍ଯ୍ୟୟ ଘଟିଥାଏ। ବିପର୍ଯ୍ୟୟକୁ ରୋକିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଲୋକଙ୍କୁ ସଚେତନ କରାଇଥାନ୍ତି। ବିପର୍ଯ୍ୟୟ ସମୟରେ ସରକାରୀ ସ୍ତରରେ ସାମାଜିକ ଅନୁଷ୍ଠାନକୁ ଠିକ୍ ଭାବେ ସହାୟତା ପ୍ରଦାନ ସହ ଏକ ପ୍ରତିରୋଧକ୍ଷମ ଗୋଷ୍ଠୀ ଗଠନ ପାଇଁ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ବୈଠକରେ କୁହାଯାଇଥିଲା। ବୈଠକରେ କାରିଟାସ୍ ଇଣ୍ଡିଆ ଅର୍ଗାନାଇଜେଶନର କଳିକା ମହାପାତ୍ର, ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର, ଅତିରିକ୍ତ ଜିଲା କୃଷି ଅଧିକାରୀ ଶ୍ରୀଧର ଦାସ, ଉଦ୍ୟାନ କୃଷି ବିଭାଗର ବିନୋଦ କୁମାର ବେହେରା, ବିଏସ୍‌ଏସ୍‌ର ପ୍ରକଳ୍ପ ସଂଯୋଜକ ଚନ୍ଦ୍ରଶେଖର ପଣ୍ଡା, ଜୁଲି ହେମ୍ବ୍ରମ, ଏନିମେଟର ଦୀପାଞ୍ଜଳି ବଳ, ଲିଙ୍ଗରାଜ ନାୟକ, ସାମାଜିକ କର୍ମୀ ନିରୂପମା ମହାନ୍ତି, କାଳିପଦ ରାୟ, ଦେବଦାସ ରାୟଗୁରୁ ପ୍ରମୁଖ ଯୋଗ ଦେଇଥିଲେ।

# କ୍ଷମା ମାଗିଲେ ରୋଗୀଙ୍କ ସମ୍ପର୍କୀୟ

**ଭଦ୍ରକ ଅଫିସ,୮।୧୨**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କ ସମ୍ପର୍କୀୟ କାର୍ଯ୍ୟରତ ଷ୍ଟାଫନର୍ସଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ଏପରିକି ଏହାର ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହାଦ୍ୱାରା ଆତ୍ମସମ୍ମାନ କ୍ଷୁଣ୍ଣ ହେଉଥିବା ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର ଷ୍ଟାଫନର୍ସମାନେ ଡାକ୍ତରଖାନା ଆଗରେ ଧାରଣାରେ ବସିଥିଲେ। ଭିଡିଓ ଭାଇରାଲ କରିଥିବା ଯୁବକ ଧାରଣାସ୍ଥଳରେ ପହଞ୍ଚି କ୍ଷମା ମାଗିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଧାରଣାରତ ଷ୍ଟାଫନର୍ସମାନେ।

ପ୍ରକାଶ ଯେ, ଗତ ନଭେମ୍ବର ୨୮ ରାତିରେ ଭଦ୍ରକ ବ୍ଲକ ବହୁଦରଡ଼ା ଗ୍ରାମର ଜଣେ ରୋଗୀ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେ ଆଡ୍‌ମିଶନ ହେବା ପରେ ତାଙ୍କୁ ବେଡ୍ ମିଳି ନ ଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ

**ଭିଡିଓ ଭାଇରାଲ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ଷ୍ଟାଫନର୍ସଙ୍କ ଧାରଣା**

ରୋଗୀଙ୍କର ଜଣେ ସମ୍ପର୍କୀୟ ଡ୍ୟୁଟିରେ ଥିବା ନର୍ସ ବାସନ୍ତୀଲତା ପାଲଙ୍କୁ ବେଡ୍ ଦେବା ପାଇଁ ଯୁକ୍ତିତର୍କ କରିବା ସହ ଏହାର ଭିଡିଓ ରେକର୍ଡିଂ କରିଥିଲେ। ସେ ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବା ପରେ ଏଥିରେ ବିଭିନ୍ନ ଅଶ୍ଳୀଳ କମେଣ୍ଟ ଆସିଥିଲା। ଏନେଇ ନର୍ସ ପାଲ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଧାରଣା ଦେଇଥିବା ସେ ପ୍ରକାଶ କରିଥିଲେ।

# କଣ୍ଢେଇ ଖେଳ ମାଧ୍ୟମରେ ସଚେତନତା ବାର୍ତ୍ତା



ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅତିଥି ଓ ଗ୍ରାମବାସୀ।

**ବାଲେଶ୍ୱର ଅଫିସ, ୮।୧୨**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାମବଣି ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା, ଗଣଯୋଗାଯୋଗ ବିଭାଗ ଏବଂ ୟୁନିସେଫର ମିଳିତ ସହଯୋଗରେ ଏକ ନିଆରା ପ୍ରୟାସ କରାଯାଇଛି। ପିଲାଙ୍କ ଶୈଶବର ବିକାଶ କିପରି ହୋଇପାରିବ ସେ ଦିଗଗୁଡ଼ିକରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ରଙ୍କ ଦ୍ୱାରା କଣ୍ଢେଇ ଖେଳ ସାହାଯ୍ୟରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଗ୍ରାମର ଶତାଧିକ ଲୋକ ସଭା ଦେଖିବା ପାଇଁ ପହଞ୍ଚିଥିଲେ।

ସଭା ଆରମ୍ଭ ପୂର୍ବରୁ ଉକ୍ତ ବିଭାଗର ସହ ଶିକ୍ଷୟିତ୍ରୀ ଡ. ସ୍ମିତି ପାଢ଼ୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଲୋକଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରୁ ସଭା ଆରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ବିଶ୍ୱବିଦ୍ୟାଳୟ ଅର୍ଥ ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିବା ନୁହେଁ, ବାହାରକୁ ଆସି ନିକଟସ୍ଥ ଗ୍ରାମବାସୀଙ୍କୁ ସଚେତନ କରାଇବା ଓ ସେମାନଙ୍କୁ ବିଶ୍ୱବିଦ୍ୟାଳୟର ଏକ ପରିବାର ରୂପେ ରଖିବା ମୁଖ୍ୟ ଉଦ୍ଦେଶ୍ୟ ଓ ଏହି କାର୍ଯ୍ୟରେ ଜେଏମ୍‌ସି ବିଭାଗ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ଜେଏମ୍‌ସି ବିଭାଗ ମୁଖ୍ୟ ଭାରତୀବାଳା ପଟ୍ଟନାୟକ, ସହଶିକ୍ଷୟିତ୍ରୀ ମୋତି ପଙ୍ଗ ଖମ, କଣ୍ଢେଇ ନୃତ୍ୟର ଉପଦେଷ୍ଟା ଡ. ଅଶେଷ ନାୟକ, ସାମାଜିକ କର୍ମୀ ନିରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟତଃ ଛୋଟ କୋମଳମତି ଶିଶୁମାନଙ୍କୁ କିପରି ଉପଯୁକ୍ତ ପୋଷଣ ଦେବା, ସ୍ୱାସ୍ଥ୍ୟ ଖରାପ ହେଲେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଉପରେ ଭରସା ନ କରି ଡାକ୍ତରଖାନାକୁ ନେବା ଓ ପିଲାମାନଙ୍କୁ ଶିକ୍ଷା ପାଇଁ ସ୍କୁଲକୁ ପଠାଇବା ଏହି ତିନୋଟି କଥା ବିଷୟରେ କଣ୍ଢେଇ ନାଚ ମାଧ୍ୟମରେ ସଚେତନ କରାଯାଇଥିଲା।

### ଠେଙ୍ଗାରେ ପିଟି ମହିଳାଙ୍କୁ ହତ୍ୟା
#### ଅଭିଯୁକ୍ତ ମା', ପୁଅ ଅଟକ

କପ୍ତିପଦା,୮।୧୨(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଜଡିଦା ପଞ୍ଚାୟତର ନେଦାମ ନୋଧାସାହିରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ମା', ପୁଅ ମିଶି ଜଣେ ମହିଳାଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ମା', ପୁଅଙ୍କୁ ଅଟକ ରଖିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ ଗଜେନ୍ଦ୍ର ଭକ୍ତାଙ୍କ ସ୍ତ୍ରୀ ଶାନ୍ତି(୪୫)ଙ୍କ ସହ ସେହି ଗ୍ରାମର ଦ୍ରୌପଦୀ ନାଏକ(୪୭)ଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏହି ସମୟରେ ଦ୍ରୌପଦୀଙ୍କ ଯାଆ ସରସ୍ୱତୀ ନାଏକ(୫୦) ସେଠାରେ ପହଞ୍ଚି ଘଟଣାରେ ହସ୍ତକ୍ଷେପ କରିବାରୁ ଶାନ୍ତି ଓ ତାଙ୍କ ପୁଅ ଚନ୍ଦନ(୧୮) ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସରସ୍ୱତୀଙ୍କର ମୃତ୍ୟୁ ହୋଇଥିବାବେଳେ ଦ୍ରୌପଦୀ ଗୁରୁତର ଆହତ ହୋଇଥିଲେ। ହତ୍ୟାକାଣ୍ଡ ପରେ ଶାନ୍ତି ଓ ତାଙ୍କ ପୁଅ ଘଟଣାସ୍ଥଳରୁ ପଳାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, କପ୍ତିପଦା ଥାନା ଅଧିକାରୀ ବିକ୍ରମକେଶରୀ ଜେନା ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ମା' ଓ ପୁଅଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛନ୍ତି। ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ପହଞ୍ଚି ଘଟଣାର ଅନୁସନ୍ଧାନ କରିଛନ୍ତି। ଏ ସମ୍ପର୍କରେ କପ୍ତିପଦା ଥାନାରେ ଏକ ମାମଲା(ନଂ. ୩୩୯/୨୨) ରୁଜୁ ହୋଇଛି।

# ନିଶା ନିବାରଣର ମୁଖ୍ୟ ପୁରୋଧା ଥିଲେ ଗୋବିନ୍ଦ ଚନ୍ଦ୍ର

**ବିଭିନ୍ନ ସ୍ଥାନରେ ଖଇରା ଗାନ୍ଧୀଙ୍କ ସ୍ମୃତିସଭା**

**ଖଇରା, ୮।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ ଖଇରା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ନଛିପୁର ଉ.ପ୍ରା. ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସନାତନ ବେହେରା ପୌରୋହିତ୍ୟ କରିଥିଲେ। ଖଇରା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଚିନ୍ତାମଣି ସାହାଣୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପତ୍ରୀ ଅତିଥି ପରିଚୟ



ଜନଜାଗରଣ ମଞ୍ଚ ତରଫରୁ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଯୋଗ ଦେଇଥିବା ବକ୍ତା ସମୂହ।

ଓ ନରସିଂହ ପାଣି ବେଦପାଠ କରିଥିଲେ। ସେହିଭଳି ଖଇରା ଜନଜାଗରଣ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁକ୍ତିକାନ୍ତ ଶତପଥୀ, ନିରଞ୍ଜନ ବେହେରା, ବୁଦ୍ଧିରାମ ପାଣିଗ୍ରାହୀ, ନାରାୟଣ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି, ଦେବେନ୍ଦ୍ର ପ୍ରସାଦ ରାଉତ, ଉପେନ୍ଦ୍ର ପ୍ରସାଦ ଦାସ, ଅଲେଖ ଚରଣ ନାୟକ, ବଳରାମ ଲେଙ୍କା ଓ ଅନାମ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଖଇରା ଅଞ୍ଚଳରେ ନିଶା ନିବାରଣର ମୁଖ୍ୟ ପୁରୋଧା ସାଜିଥିବା ଏହି ବ୍ୟକ୍ତି ଜଣକ ଜନଗହଳି ସ୍ଥାନରେ ପହଞ୍ଚି ଅଳିଆ ଆବର୍ଜନା ସଫା କରିବା, ବିଭିନ୍ନ ଶକ୍ତିପୀଠରେ ବଳିପ୍ରଥା ବନ୍ଦ କରିବା, ନିଜେ ଅରଟରେ ସୂତାକାଟି ଲୁଗାବୁଣି ପିନ୍ଧିବା ଭଳି କାର୍ଯ୍ୟ ପାଇଁ ଆଜି ବି ଲୋକେ ତାଙ୍କୁ ଝୁରୁଥିବା ନେଇ ବକ୍ତାମାନେ ପ୍ରକାଶ କରିଥିଲେ। ଅଭିରାମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

**ଭୋଗରାଇ, ୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୃଷ୍ଣନଗର ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ତଥା ବିଜେଡିର ପୂର୍ବତନ ବ୍ଲକ ସମ୍ପାଦକ ସନ୍ତୋଷ ଦାସଙ୍କ ବୁଧବାର ମଧ୍ୟରାତ୍ରିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସନ୍ତୋଷ ଏକାଧାରାରେ ଜଣେ ଦକ୍ଷ ସଙ୍ଗଠକ, ପରୋପକାରୀ ଥିଲେ। ତାଙ୍କ ବିୟୋଗରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ ପାତ୍ର ଭାଜପା ନେତା ମାନସ ମହାନ୍ତି, ସଞ୍ଜୀବ ସାହୁ ପ୍ରମୁଖ ସମବେଦନା ଜଣାଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ପୃଥ୍ୱୀରାଜ


@ଏସ.ଦେବାଶିଷ


@ଧରିତ୍ରୀ


@ରାମ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ଜିଲା ଶ୍ରମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବାରିପଦା ଅଫିସ,୮।୧୨**

କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଡାକରାରେ ବୁଧବାର ବାରିପଦା ସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ୮ଦଫା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସରକାରଙ୍କ ନୂତନ ଶ୍ରମନୀତି ଅନୁଯାୟୀ ଅନ୍‌ଲାଇନ ମାଧ୍ୟମରେ ଶ୍ରମକାର୍ଡ ନବୀକରଣ ଓ ପଞ୍ଜିକରଣ ହେବା ଫଳରେ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରମ ଆଇନ ପରିବର୍ତ୍ତନ ପାଇଁ ବାରମ୍ବାର ଅନୁରୋଧ ପରେ ମଧ୍ୟ ଏଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଶ୍ରମିକମାନଙ୍କ ହକ୍ ପାଇଁ ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ରାଜ୍ୟବ୍ୟାପି ଆନ୍ଦୋଳନ କରାଯାଇଛି। ଶ୍ରମିକମାନଙ୍କ ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ଭୁବନ ସାହୁ ଚେତାବନୀ ଦେଇଛନ୍ତି ।

# ବୁଦାରୁ ମହିଳାଙ୍କ ମୃତଦେହ ଜବତ

**ହତ୍ୟା ସନ୍ଦେହରେ ସ୍ୱାମୀ ଅଟକ**

**ଯୋଡ଼ା,୮।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ିସ୍ଥିତ ଲଙ୍ଗାଲୋଟା ହଟିଂ ରାସ୍ତାଗଡ଼ ବୁଦାରୁ ଗୁରୁବାର ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣଙ୍କ ଲଙ୍ଗାଲୋଟା ହଟିଂର ରତନୀ ମୁଣ୍ଡା (୩୫)। ହତ୍ୟା ଅଭିଯୋଗରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖିଥିବା ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ, ରତନୀ ଲଙ୍ଗାଲୋଟା ହଟିଂରେ ଏକା ରହୁଥିଲେ। ତାଙ୍କ ସ୍ୱାମୀ ମୁଟୁ ମୁଣ୍ଡା ବଡ଼ବିଲଠାରେ ରହି କାର୍ଯ୍ୟ କରୁଥିଲେ। ପତ୍ନୀଙ୍କୁ ସନ୍ଦେହ କରି ଗତ ମଙ୍ଗଳବାର ସ୍ୱାମୀ ପଥରରେ ଛେଚି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହକୁ ଲଙ୍ଗାଲୋଟା ଖେଳପଡ଼ିଆ ନିକଟସ୍ଥ ଏକ ବୁଦାଭିତରେ ଲୁଚାଇ ଦେଇଥିଲେ। ମହିଳା ରହୁଥିବା ଘରେ ରକ୍ତ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କୁ ନ ପାଇ ତଦନ୍ତ ଆରମ୍ଭ କରିଥିଲା। ଖୋଜାଖୋଜି ପରେ ଗୁରୁବାର ବୁଦା ଭିତରୁ ମହିଳାଙ୍କ ମୃତଦେହ ଠାବ କରିଥିଲା। ଏ ନେଇ ବାମେବାରୀ ପୋଲିସ କେସ ନଂ. ୨୧୩/୨୦୨୨ରେ ହତ୍ୟା ମାମଲା ରୁଜୁ କରିଥିବା ନାୟକ କହିଛନ୍ତି।

# ଆଦର ଅଛି, ମିଳୁନି ପ୍ରୋତ୍ସାହନ

**ଦୀପକ ମିଶ୍ର**
**କେନ୍ଦୁଝର,୮।୧୨**

**ସାନ୍ତାଳୀ ଲୋକନୃତ୍ୟ**

ସାନ୍ତାଳମାନଙ୍କର ଲୋକନୃତ୍ୟ ଲୋକଙ୍କ ମନକୁ ଛୁଉଁଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ନୃତ୍ୟ ଦେଖିବାକୁ ମିଳେ। ଆଧୁନିକତାର ଚାକଚକ୍ୟରେ ଏହି ଲୋକନୃତ୍ୟ ଏବେ ସଂଘର୍ଷ କରୁଛି। ସରକାରୀସ୍ତରରେ ପ୍ରୋତ୍ସାହନର ଅଭାବ ଯୋଗୁ ଆକର୍ଷଣ ହରାଇବାରେ ଲାଗିଛି। ପୂର୍ବରୁ ସାନ୍ତାଳୀ ବେଶଭୂଷାରେ ଏହି ନୃତ୍ୟ ପରିବେଷଣ କରାଯାଉଥିଲା। ବର୍ତ୍ତମାନ ସାନ୍ତାଳୀ ଲୋକନୃତ୍ୟ ପରିବେଷଣ କରୁଥିବା ଭଉଣୀଭାଇମାନେ ନୃତ୍ୟକୁ ସରସସୁନ୍ଦର କରିବା ପାଇଁ ପୋଷାକ ବଦଳାଇଛନ୍ତି। ଲୋକନୃତ୍ୟକୁ ବଞ୍ଚାଇ ରଖିବାକୁ କେନ୍ଦୁଝର ଲୋକନୃତ୍ୟ ମାନ୍ୟତା ପ୍ରଦାନ କରିବାକୁ କେନ୍ଦୁଝର



ପୌରପାଳିକାର ପୂର୍ବତନ ନଗରପାଳ ମୀନାକ୍ଷୀ ମାଝୀ ଦାବି କରିଛନ୍ତି। କେନ୍ଦୁଝର ଜିଲାର ସୁନାରିପଶି, ମାଛଗଡ଼, ଘଟଗାଁ ନିକଟବର୍ତ୍ତୀ ମୁଦ୍ରାବେଡ଼ା ଆଦି କେତେକ ଗ୍ରାମରେ ନୃତ୍ୟ ପରିବେଷଣ ପାଇଁ ଭିନ୍ନ ଭିନ୍ନ ଦଳମାନେ ବେଶ୍ ସୁନାମ ଅର୍ଜନ କରିପାରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କଳାସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉଛି। କେନ୍ଦୁଝର ଜିଲାର ବିଭିନ୍ନ ସମ୍ପ୍ରଦାୟ ବିଶେଷକରି ଆଦିବାସୀ ଗୋଁଣ୍ଡ ସମ୍ପ୍ରଦାୟର ପାରମ୍ପରିକ ଯୁଦ୍ଧକଳା ନୃତ୍ୟ, ସାନ୍ତାଳୀ ନୃତ୍ୟ, କୁଡୁମୀଙ୍କ ଝୁମର, ମାଝୀ ନାଚ, ମୁଣ୍ଡା ନାଚ, ରାମତାମସା ଆଦି ଲୋକନୃତ୍ୟ ଦଳଗୁଡ଼ିକୁ କଳାସଂସ୍କୃତି ଯୋଜନାରେ ପ୍ରଚାର ପ୍ରସାର ପାଇଁ ଅନୁଦାନ ଯୋଗାଇ ଦିଆଗଲେ ଆଦିବାସୀ ଲୋକନୃତ୍ୟ ମଧ୍ୟ ପ୍ରଚାର ପ୍ରସାର ସହ ପୁନଃଜୀବନ ଲାଭକରନ୍ତା ବୋଲି ମତପ୍ରକାଶ ପାଇଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ୬୮ତମ ଜିଲା ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ପରମିଟ୍ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀହରି ହୋଟେଲ, ଷ୍ଟେଶନ ଛକ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ଭଦ୍ରକ ମହୋତ୍ସବ ଓ ଜିଲା ପୁସ୍ତକ ମେଳା ଉଦ୍‌ଘାଟନ, ସ୍ଥାନ: ଗାନ୍ଧୀପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ପୋଲିସ, ପରିବହନ ବିଭାଗ ପକ୍ଷରୁ ଚେକିଂ

ସୋର, ୮।୧୨ (ଡି.ଏନ.ଏ.):ସୋର ପୌରପାଳିକା ଅଧୀନ ଉତ୍ତରେଶ୍ୱର ଏବଂ ବରଫକଳ ଛକରେ ଗୁରୁବାର ସନ୍ଧ୍ୟାରେ ଆଞ୍ଚଳିକ ପରିବହନ ବିଭାଗର ତରଫରୁ ମୋଟର ଗାଡ଼ି ଯାଞ୍ଚ କରାଯାଇଛି। ଟ୍ରାଫିକ ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର, ଏଏମଭିଆଇ ଦେବାଶିଷ ମଲ୍ଲିକଙ୍କ ନେତୃତ୍ୱରେ ସୋର ପୋଲିସ ସହାୟତାରେ ଉତ୍ତରେଶ୍ୱର ଏବଂ ବରଫକଳ ଛକ ନିକଟରେ ଗାଡିଗୁଡ଼ିକୁ ଚେକିଂ କରାଯାଉଥିବା ଦେଖିବାକୁ ମିଳିଛି। ମଦ୍ୟପାନ କରି ଗାଡି ଚଳାଉଥିବା ଗାଡିଚାଳକଙ୍କୁ ଯାଞ୍ଚ କରାଯାଇ ଜବତ ଗାଡିଗୁଡିକୁ ସୋର ଥାନା ପରିସରରେ ରଖାଯିବା ସହିତ ଗାଡି ଉପରେ ମକଦ୍ଦମା କରାଯିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ୨ଟି ଗାଡି ଜବତ କରାଯାଇଥିବା ବେଳେ ୨୭ ହଜାର ଟଙ୍କା ଜରିମାନା କରାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଆଶାକର୍ମୀଙ୍କ ଧାରଣା

ପାଟଣା,୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବ୍ଲକ୍‌ର କାର୍ଯ୍ୟରତ ଆଶା କର୍ମୀମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଛନ୍ତି। ଗୁରୁବାର ରାଜନଗର ସେକ୍ଟରର ୩୨ରୁ ଉର୍ଦ୍ଧ୍ୱ ଆଶାକର୍ମୀମାନେ ୭ ଦଫା ସମ୍ବଳିତ ଦାବି ନେଇ ତୃତୀୟ ଦିନରେ ଧାରଣାରେ ବସିଛନ୍ତି। ବ୍ଲକ୍ ସଭାପତି ଲତା ମଞ୍ଜରୀ ମହାନ୍ତ, ସମ୍ପାଦିକା ସାବିତ୍ରୀ ସାହୁଙ୍କ ନେତୃତ୍ୱ ନେଉଛନ୍ତି। ମାସକୁ ୧୮ ହଜାର ଦରମା, ସ୍ଥାୟୀ ନିଯୁକ୍ତି, ଅବସର ପରେ ମାସକୁ ୫ ହଜାର ପେନସନ, ପ୍ରତ୍ୟେକ ସେକ୍ଟରରେ ଅଶାଗୃହ ନିର୍ମାଣ, ମେଡ଼ିକାଲକୁ ପ୍ରସୂତିଙ୍କୁ ନେଇ ଯାଉଥିବା ଆଶା କର୍ମୀଙ୍କୁ ଡାକ୍ତର ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ଡିବିରିରୁ ନିଆଁ ଲାଗି ମହିଳା ଗୁରୁତର

ପାଟଣା,୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମ ତଳ ସାହିରେ ବୁଧବାର ଡିବିରି ଆଲୁଅରୁ ନିଆଁ ଲାଗି ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଉକ୍ତ ଗ୍ରାମର ଟୁକୁଲୁ ମୁଣ୍ଡାଙ୍କ ସ୍ତ୍ରୀ ସୁଲୋଚନା ମୁଣ୍ଡା(୩୦)। ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସୁଲୋଚନା ଘରେ ଶୋଇଥିବା ବେଳେ ମୁଣ୍ଡ ଉପରେ ଜଳୁଥିବା ଡିବିରି ଆଲୁଅରୁ ନିଆଁ ସଂଯୋଗ ହୋଇ ତାଙ୍କ ବିଛଣାରେ ଲାଗିଯାଇଥିଲା। ଯନ୍ତ୍ରଣାରେ ଚିତ୍କାର କରିବାରୁ ପଡ଼ୋଶୀ ଏବଂ ଘର ଲୋକ ଉଠି ପାଟଣା ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

## ରାଜ୍ୟସ୍ତରୀୟ କୁସ୍ତି ଚାମ୍ପିୟନଶିପ୍‌ରେ ସିଦ୍ଧାର୍ଥଙ୍କ ସଫଳତା

ବାରିପଦା ଅଫିସ,୮।୧୨ - ଓଡ଼ିଶା କୁସ୍ତି ଆସୋସିଏସନ ଆନୁକୂଲ୍ୟରେ ପୁରୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୁସ୍ତି ଚାମ୍ପିୟନଶିପ୍‌ରେ ମୟୂରଭଞ୍ଜର କୁସ୍ତିବାଜ ସିଦ୍ଧାର୍ଥ ଶଙ୍କର ମହାନ୍ତ ୫୭ କେ.ଜି ସିନିଅର ଗ୍ରୁପରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ କୋଚ୍ ମାନସ ବେହେରାଙ୍କୁ ଶ୍ରେୟ ଦେଇଛନ୍ତି। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଗୌରୀ ଶଙ୍କର ସିହ୍ନା, ମିଡିଆ ସଂଯୋଜକ ସୋମନାଥ ସିଂହ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଏହି ସଫଳତା ଅନ୍ୟ ଯୁବ କୁସ୍ତିବାଜଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି କହିଛନ୍ତି। ସିଦ୍ଧାର୍ଥଙ୍କ ଘର ଯଶିପୁର ବ୍ଲକ ଅଧୀନ ମୋଦି ଗ୍ରାମରେ। ବର୍ତ୍ତମାନ ସେ ଭଞ୍ଜକିଆ ସ୍ଥିତ ଚୈତନ୍ୟ ପ୍ରସାଦ ମହାବିଦ୍ୟାଳୟରେ +୩ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ର। ଏହି ସଫଳତା ପାଇଁ ସେ ପଢୁଥିବା ମହାବିଦ୍ୟାଳୟ, ଗ୍ରାମ ତଥା ଯଶିପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ

### ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କେନ୍ଦୁଝର ଗସ୍ତ
### ଜିଲା ଚିକିତ୍ସାଳୟ ସମସ୍ୟା ବୁଝିଲେ

କେନ୍ଦୁଝର, ୮।୧୨(ସ୍ୱ.ପ୍ର./ଡି.ଏନ୍.ଏ)

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶଚନ୍ଦ୍ର ଦଳାଇ କେନ୍ଦୁଝର ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ପ୍ରକଳ୍ପର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ବୁଧବାର ଦିନ ଆନନ୍ଦପୁର ବ୍ୟାରେଜ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଗୁରୁବାର ଜିଲା ଚିକିତ୍ସାଳୟ ପରିଦର୍ଶନରେ ଯାଇ ବିଭିନ୍ନ ୱାର୍ଡ, ନବଜାତ ଶିଶୁ ଯତ୍ନ ୟୁନିଟ୍ ଓ ପରିସର ବୁଲି ଦେଖିଥିଲେ। ରୋଗୀ, ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗୀୟ କର୍ମକର୍ତ୍ତା/କର୍ମଚାରୀଙ୍କ ସହ ବାର୍ତ୍ତାଳାପ କରି ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା, ଜିଲା ଚିକିତ୍ସାଳୟର ପରିଷ୍କାର ପରିଚ୍ଛନ୍ନତା ଓ ଔଷଧ ବିତରଣ ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ କାନପୁର ଜଳସେଚନ ପ୍ରକଳ୍ପକୁ ଯାଇ ସେଠାରେ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ସମୀକ୍ଷା କରିଥିଲେ। ବିଶେଷତଃ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଶେଷ କରିବା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆନୁକୂଲ୍ୟରେ ନିର୍ମାଣାଧୀନ ପୋଲ ଶେଷ କରିବା, ନଦୀବନ୍ଧର ପ୍ଲାଷ୍ଟିକ କଂକ୍ରିଟ କାର୍ଯ୍ୟ, ବାକିଥିବା ଜମି ଅଧିଗ୍ରହଣ ଓ ଥଇଥାନ କାର୍ଯ୍ୟକୁ ଶେଷ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାସୁଦେବପୁର ପରିଦର୍ଶନରେ ଯାଇଥିଲେ। ସେଠାରୁ ଯୋଡ଼ାଗସ୍ତ କରି ସେଠାରେ ଫ୍ଲାଇଓଭର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏତ ବ୍ୟତୀତ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଆଦିବାସୀ ବିକାଶ ସମିତି ପରିଦର୍ଶନ କରିଥିଲେ। ପରେ ଜିଲା ସଦର ମହକୁମାକୁ ଫେରି ଜିଲା କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗ/ବିଭାଗର କାର୍ଯ୍ୟାବଳୀ ତଥା ରାଜସ୍ୱ ବିଭାଗର କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଜିଲାପାଳ ଆଶିଷ ଠାକ୍‌ରେ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁଙ୍କ ସମେତ ବିଭିନ୍ନ ଉପଖଣ୍ଡର ଉପଜିଲାପାଳ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଶୁକ୍ରବାର ଦିନ ରାଜସ୍ୱ କମିଶନର କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟାବଳୀ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।


ଜିଲା କାର୍ଯ୍ୟାଳୟରେ ଉତ୍ତରାଞ୍ଚଳ ଆରଡିସିଙ୍କ ସହ ଅଧିକାରୀମାନେ।

# 'ବିଜ୍ଞାନକୁ ଜୀବନରେ ଉପଯୋଗ କଲେ ସଫଳତା ମିଳିବ'

ବାସୁଦେବପୁର, ୮।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବିନାୟକପୁର ପରିସରରେ ବୁଧବାର ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାକୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନେ ବିଜ୍ଞାନକୁ ନିଜ ପାଠ ସହ ବ୍ୟବହାରିକ ଜୀବନରେ ଉପଯୋଗ କରିପାରିଲେ ସଫଳତା ମିଳିପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଶାନ୍ତ ସାମନ୍ତ, ଜିଲା ପରିଷଦ ସଭ୍ୟ ଜୟନ୍ତୀ ବାରିକ, ସରପଞ୍ଚ ମଧୁସ୍ମିତା ମଳିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉପେନ୍ଦ୍ର ପ୍ରସାଦ ପାଢ଼ୀ, ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସାମାଜିକକର୍ମୀ ପୀତାମ୍ବର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱ କରିଥିବା ବେଳେ ଆୟୋଜକ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପାତ୍ର ସ୍ୱାଗତ ବକ୍ତବ୍ୟ ଓ ବିବରଣୀ ପାଠ କରିଥିଲେ। ବିଜ୍ଞାନମେଳାରେ ମୋଟ ୧୬୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ବିଡିଓ ସତ୍ୟଜିତ ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଅନ୍ୟତମ ଅତିଥି ଭାବେ ଏବିଇଓ ସୁକାନ୍ତୀ ବାରିକ, ମୀନାକୁମାରୀ ମଲ୍ଲିକ, ଉର୍ମିଳା କର, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ୫ ଶ୍ରେଷ୍ଠ ପ୍ରକଳ୍ପକୁ ଜିଲାସ୍ତରକୁ ପଠାଯାଇଥିଲା।

# ଯୋଗଦେଲେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

### ରାଜ୍ୟସ୍ତରୀୟ ମାଷ୍ଟର ପ୍ରତିଯୋଗିତା ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୮।୧୨

ବାଲେଶ୍ୱର ବ୍ୟାଡ଼ମିଣ୍ଟନ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ମାଷ୍ଟର ପ୍ରତିଯୋଗିତା ଗୁରୁବାର ସ୍ଥାନୀୟ ଅଫିସର ଇନଡ଼ୋର ହଲ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ସାରା ରାଜ୍ୟରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବିଭାଗ ତଥା ୩୫, ୪୦, ୪୫, ୫୦, ୫୫, ୬୦ ଓ ୬୫ ବର୍ଷରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୧ ଡିସେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଅଏସିସ୍ ଏଜୁକେସନ୍ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ସଞ୍ଜୟ ସାହୁ, ସଂଘ ଉପ-ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ସଂଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ଜୋନାଲ ହେଡ୍ ଜୟପ୍ରକାଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳନାରେ ବିଶ୍ୱଜିତ ଦାସ, ନବନୀତ୍ ଘୋଷାଲ, ଜୟପ୍ରକାଶ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### କୁଡୁମୀ ଜାତିକୁ ଆଦିବାସୀ ଅନ୍ତର୍ଭୁକ୍ତ ଦାବି
# ୧୨ରେ ସଂସଦ ଭବନ ଘେରିବ କୁଡୁମୀ ସେନା

ପାଟଣା,୮।୧୨(ସ୍ୱ. ପ୍ର.)

ବୁଧବାରଠାରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେଉଛି। ଓଡ଼ିଶାର କୁଡୁମି ଜାତିକୁ ପୁନର୍ବାର ଅନୁସୂଚିତ ଜନଜାତି ତାଲିକା ଅନ୍ତର୍ଭୁକ୍ତ ଦାବିରେ ଆସନ୍ତା ୧୨ରେ କୁଡୁମୀ ଜାତିର ବିଭିନ୍ନ ସଂଗଠନ ଦିଲ୍ଲୀର ସଂସଦ ଭବନ ଘେରିବ ବୋଲି କୁଡୁମି ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ ସୂଚନା ଦେଇଛନ୍ତି। ଓଡ଼ିଶାର କୁଡୁମୀ ବହୁଳ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କୁଡୁମୀ ସେନା, କୁଡୁମୀ ସମାଜ, ଆଦିବାସୀ କୁଡୁମୀ ସମାଜ ଏହି ଆନ୍ଦୋଳନରେ ସାମିଲ ହେବେ। କୁଡୁମୀ ଜାତିର ନାର୍ଯ୍ୟ ଦାବିରେ ୫ ହଜାରରୁ ଉର୍ଦ୍ଧ୍ୱ ନେତା ଦିଲ୍ଲୀର ସଂସଦ ଭବନ ଘେରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟ କ୍ରମକୁ ସଫଳ କରିବାକୁ ଅଧିକ ଲୋକ ଆନ୍ଦୋଳନରେ ସାମିଲ ହେବା ପାଇଁ କୁଡୁମି ସେନା ଜିଲା ସଭାପତି ତ୍ରିଲୋଚନ ମହାନ୍ତ, ପାଟଣା ବ୍ଲକ୍ ସଭାପତି ଅଶୋକ ମହାନ୍ତ, ସାହାରପଡ଼ା ବ୍ଲକ୍ ସଭାପତି ଭବାନିଶଙ୍କର ମହାନ୍ତ, କିଶୋର ଚନ୍ଦ୍ର ମହାନ୍ତ, ତ୍ରିନାଥ ମହାନ୍ତ, ବିରଞ୍ଚି ମହାନ୍ତ, ଅଭିରାମ ମହାନ୍ତ ପ୍ରମୁଖ ସଚେତନତା ଜାରି ରଖିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ୧୧୬ ପ୍ରକଳ୍ପ

ଭଣ୍ଡାରିପୋଖରୀ, ୮।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ପ୍ରକୃତିକୁ ଜାଣିବାର ଜିଜ୍ଞାସା ହିଁ ପ୍ରକୃତ ବିଜ୍ଞାନ ବୋଲି କହିଥିଲେ। ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ସହକାରୀ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ, ସରପଞ୍ଚ ଅନିତାରାଣୀ ରାଉତ, ମୁଖ୍ୟବକ୍ତା ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତ, ନିମନ୍ତ୍ରିତ ଅତିଥି ଭାବେ ବିଆର୍‌ସିସି ଅକ୍ଷୟ ଜେନା, ଏବିଇଓ ଉମେଶ ଜେନା, ମଞ୍ଜୁଳା ନାୟକ, ଶୁଭେନ୍ଦୁ ମିଶ୍ର ଓ ସାମାଜିକ କର୍ମୀ ମୁକୁନ୍ଦ ଚରଣ ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଉଦୟ ନାରାୟଣ ଜେନା ସ୍ୱାଗତ ଭାଷଣ, ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ମହାରଣା ବାର୍ଷିକ ବିବରଣୀ, ମାୟାଧର ଦାସ ଅତିଥି ପରିଚୟ ଓ ଶିକ୍ଷକ ମନୋରଞ୍ଜନ ପତି ଧନ୍ୟବାଦ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୧୬ ପ୍ରକଳ୍ପ ଏହି ମେଳାରେ ସ୍ଥାନ ପାଇଥିଲା। ଶ୍ରେଷ୍ଠ ୭ ପ୍ରକଳ୍ପକୁ ଜିଲା ସ୍ତରକୁ ମନୋନୀତ କରାଯାଇଛି।

ସିଆର୍‌ସିସି କୈଳାସ ଚନ୍ଦ୍ର ସାମଲଙ୍କ ସଂଯୋଜନାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ପରିଚାଳନା କମିଟି ସଭାପତି ନିରାକାର ରାଉତ, ଶିକ୍ଷକ ନେତା ସୁଧାଂଶୁ ମୋହନ ମିଶ୍ର, ଶରତ ଚନ୍ଦ୍ର ଥାଟୋଇ, ଅଜୟ କୁମାର ନନ୍ଦ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସିଆର୍‌ସିସି ପୁଷ୍ପକ ଭାରତୀ, ନିତ୍ୟାନନ୍ଦ ସାହୁ, ସାମାଜିକ କର୍ମୀ ନିଳାମ୍ବର ରାଉତ, ଅଭୟ ବେହେରା, ଶିକ୍ଷକ ବିଚିତ୍ରାରାଣୀ ଦାସ, ରାଜଶ୍ରୀ ନାୟକ, ସନ୍ତୋଷ ଜେନା, ସୁନାମଣି ଦତ୍ତ, ଶ୍ରୀକାନ୍ତ ବେହେରା, ପଦ୍ମଲୋଚନ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସଭାରେ ଉପସ୍ଥିତ ଅତିଥିମାନେ।

# ଉତ୍ତରେଶ୍ୱର-ଷ୍ଟେଶନଛକ ରାସ୍ତାରେ ଡ୍ରେନ ଭିତ୍ତିପ୍ରସ୍ତର

ସୋର, ୮।୧୨(ଡି.ଏନ୍.ଏ.)

ସୋର ପୌରପାଳିକା ଅଧୀନ ଉତ୍ତରେଶ୍ୱର-ଷ୍ଟେଶନଛକ ମଝି ରାସ୍ତା ୩ ନମ୍ବର ୱାର୍ଡରେ ୬ ଲକ୍ଷ ୩୯ହଜାର ୨୮୬ ଟଙ୍କା ବ୍ୟୟରେ ଏକ ପକ୍କା ନାଳ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସୋର ପୌରାଧ୍ୟକ୍ଷ ମାଧବ ଧଡାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ସୋର ପୌରପାଳିକା ସସ୍ମିତା ଦାସ, ପାରିଷଦ ରଞ୍ଜନ ଦାସ, ଯନ୍ତ୍ରୀ ନାରାୟଣ ପ୍ରସାଦ ହୋଇ, ପୂର୍ବତନ ପାରିଷଦ ହେମନ୍ତ ସେଠୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ପକ୍କା ନାଳ ରଞ୍ଜିତା ନାୟକଙ୍କ ଘରଠାରୁ ଷ୍ଟେଶନରୋଡ ପର୍ଯ୍ୟନ୍ତ ନିର୍ମାଣ ହେବ। ଏଠାରେ ପାଣି ନାଳ ନ ଥିବାରୁ ଦୀର୍ଘବର୍ଷ ହେଲା ବର୍ଷାଦିନେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା। ଏହାକୁ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ମଧ୍ୟ ହୋଇଆସୁଥିଲା। ନାଳ ନିର୍ମାଣ ହେବା ପରେ ବର୍ଷାଦିନରେ ଉପୁଜୁଥିବା ସମସ୍ୟା ସମାଧାନ ହୋଇପାରିବ ବୋଲି ପୌରାଧ୍ୟକ୍ଷ ଧଡ଼ା କହିଛନ୍ତି।


ଅତିଥିଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ସହକାରୀ ଶିକ୍ଷକ ସଂଘ ତରଫରୁ ଦାବିପତ୍ର

ଔପଦା, ୮।୧୨

ବାଲେଶ୍ୱର ଜିଲା ଔପଦା ବ୍ଲକ ଶିକ୍ଷକ ସଂଘ ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ଶିକ୍ଷକ ସଂଘ ଏକ ଦାବିପତ୍ର ଶିକ୍ଷା ବିଭାଗ ଜରିଆରେ ଏବିଇଓଙ୍କୁ ପ୍ରଦାନ କରାଯାଇଛି। ଔପଦା ବ୍ଲକ ଶିକ୍ଷକ ସଂଘ ସଭାପତି ମହେଶ୍ୱର ବିଶ୍ୱାଳ, ସମ୍ପାଦକ ସନେଷ୍ଟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ଥାନୀୟ ତହସିଲ ଛକରୁ ବାହାରି ଏକ୍ସକେଡ଼ର ଶିକ୍ଷକ ଉଚ୍ଛେଦ, ଗଣଶିକ୍ଷକଙ୍କୁ ନିୟମିତ କରିବା, ୨୦୦୦ରୁ ସମସ୍ତ ଶିକ୍ଷକଙ୍କୁ ଇନ୍‌କ୍ରିମେଣ୍ଟ ପ୍ରଦାନ, ନୂତନକୁ ବାଦ୍ କରି ପୁରୁଣା ପେନସନ ଲାଗୁ କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଆଦି ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ବିଇଓଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଶିକ୍ଷକ ସଂଘ ତରଫରୁ ୫ଟି ଦାବି ସମ୍ବଳିତ ଦାବିପତ୍ରକୁ ସଭାପତି, ସମ୍ପାଦକଙ୍କ ସମେତ ଶିକ୍ଷକ ଶାନ୍ତନୁ ବାରିକ, ଭଗବାନ ପଣ୍ଡା, ବିଚିତ୍ରାନନ୍ଦ ଲେଙ୍କା, ମୁରଲୀଧର ସ, କମଳାକାନ୍ତ ଜେନା ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଏବିଇଓ ରତ୍ନାକର ଦାସଙ୍କୁ ପ୍ରଦାନ କରିଥିଲେ।

# ୧୧୬ ୟୁନିଟ୍ ରକ୍ତ ସଂଗୃହୀତ

ଯୋଡ଼ା,୮।୧୨(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପିକା ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ କଲଜେର ଯୁବ ରେଡକ୍ରସ କାଉନ୍‌ସିଲର ଅଧ୍ୟାପକ ପବିତ୍ର ମୋହନ କର, ଅଧ୍ୟାପିକା ଐଶ୍ୱର୍ଯ୍ୟାମୟୀ ପାତ୍ର ଓ ଜାତୀୟସେବା ଯୋଜନାର ପରାମର୍ଶଦାତା ଅଧ୍ୟାପିକା ସୁମନପ୍ରଭା ତିର୍କୀ ପ୍ରତ୍ୟକ୍ଷ ଭାବରେ ସଂଚାଳିତ କରିଥିଲେ। ସଫଳତା ପାଇଁ କଲେଜର ଅଧ୍ୟକ୍ଷା ଡ. ମୃଦୁଳା ମହାନ୍ତି ସ୍ଥାନୀୟ ସହରବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଚନ୍ଦନ ବାରିକ ରକ୍ତଗ୍ରହଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲ୍ଲା ବ୍ଲଡ୍‌ବ୍ୟାଙ୍କ ଜନସମ୍ପର୍କ ଅଧିକାରୀ ଅକ୍ଷୟ ସାହୁ, ଲ୍ୟାବ ଟେକ୍ନିସିଆନ ଗୌରୀ ଶଙ୍କର ମଲ୍ଲିକ, ଲ୍ୟାବ ଆସିଷ୍ଟାଣ୍ଟ ଶଙ୍କର୍ଷଣ ନାଏକ, ରଞ୍ଜନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।


ରକ୍ତଦାତାଙ୍କ ନିକଟରେ ଛାତ୍ରୀଛାତ୍ରମାନେ।

# ଧାରଣାସ୍ଥଳରେ ମାଣ ବସାଇଲେ ଅଙ୍ଗନୱାଡ଼ି କର୍ମୀ, ସହାୟିକା

ନୀଳଗିରି, ୮।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ସିଡିପିଓ ଅଫିସ ଆଗରେ ବିଭିନ୍ନ ଦାବି ନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ଧାରଣା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ମାଣବସା ଗୁରୁବାର ଥିବାରୁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଅଭିନବ ଭାବେ ମାଣ ବସାଇ ଲକ୍ଷ୍ମୀପୁରାଣ ପଢ଼ିଛନ୍ତି।

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ ସଂଲଗ୍ନ ଭାରତୀୟ ମଜଦୁର ସଂଘ ନୀଳଗିରି ଶାଖା ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅଭିନବ ଭାବେ ଗୁରୁବାର ନୀଳଗିରି ସିଡିପିଓ ଅଫିସ ଆଗରେ ଧାରଣାସ୍ଥଳରେ ମାଣ ବସାଇ ଲକ୍ଷ୍ମୀପୁରାଣ ପଢ଼ିଥିଲେ। ଏଥିସହ 'ଝୁଲରେ ନବିନା ଝୁଲ' ଓ ଆଦିବାସୀ ସାନ୍ତାଳୀ ଭାଷାରେ ଗୀତ ଗାଇ ନିଜର ଦାବି ଉପସ୍ଥାପନ କରିଥିଲେ। ୮ ଦଫା ଦାବି ନେଇ ଶତାଧିକ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ନୀଳଗିରି ସିଡିପିଓ ଅଫିସ ଆଗରେ ଧାରଣା ଦେଇଛନ୍ତି। ସରକାରୀ ମାନ୍ୟତା ଦାବି, ୫ହଜାର ଟଙ୍କା ମାସକୁ ପେନସନ ପ୍ରଦାନ, ଅଙ୍ଗନୱାଡ଼ି କର୍ମୀଙ୍କୁ ମାସକୁ ୧୮ ହଜାର ଓ ସହାୟିକାଙ୍କୁ ମାସକୁ ୯ ହଜାର ଟଙ୍କା ଦରମା ପ୍ରଦାନ, ମିନି ଅଙ୍ଗନୱାଡ଼ିକୁ ଅଙ୍ଗନୱାଡ଼ି କେନ୍ଦ୍ର କରାଯିବା, ଜିକେଏସ କାର୍ଯ୍ୟରୁ ବାଦ୍ ଦେବା, ଗରମ ଖାଦ୍ୟର ମାନ ବୃଦ୍ଧି କରାଯିବା ଭଳି ୮ ଦଫା ଦାବି ନେଇ ଧାରଣା ଦେଇଛନ୍ତି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା। ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ସେହିପରି ଏହି ଆନ୍ଦୋଳନକୁ ନୀଳଗିରିର ପୂର୍ବତନ ବିଧାୟକ ତଥା ସଂଘର ଉପଦେଷ୍ଟା ଚିତ୍ତରଞ୍ଜନ ଷଡ଼ଙ୍ଗୀ ସମର୍ଥନ ଜଣାଇଛନ୍ତି।


ଧାରଣାରତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା।

## ସଂକ୍ଷେପରେ

### ବିପର୍ଯ୍ୟୟ ମୁକାବିଲା ତାଲିମ

ଲଙ୍ଗଳେଶ୍ୱର, ୮।୧୨(ଡି.ଏନ.ଏ.)- ବାଲିଆପାଳ ବ୍ଲକ ଅଧୀନ କୁଣ୍ଡୁଳୀ ଏବଂ ବୋଲଂ ପଞ୍ଚାୟତରେ ଗତ ନଭେମ୍ବର ୩୦ରୁ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଏବଂ ବାଲେଶ୍ୱର ଜିଲା ଜରୁରୀକାଳୀନ ବିଭାଗ ତରଫରୁ ବନ୍ୟା ଏବଂ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜୀବନହାନୀ ରୋକିବା ସହ ବାତ୍ୟା ବନ୍ୟା ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ଓ ପରେ ପୁନରୁଦ୍ଧାର ପାଇଁ କିଭଳି ପଦକ୍ଷେପ ନିଆଯିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ଶିବିରକୁ ବାଲେଶ୍ୱର ସାମାଜିକ ସେବା ସଂସ୍ଥାର କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ଜରୁରୀକାଳୀନ ଅଧିକାରୀ ରିଜୁଆନା କଅକବ, ନିମାଇଁ ଚରଣ ଦାସ, ବିଡିଓ ବିନୋଦ ପଣ୍ଡା, ପ୍ରଦୀପ ପାତ୍ର, ଚନ୍ଦ୍ରଶେଖର ପଣ୍ଡାଙ୍କ ସମେତ ସ୍ଥାନୀୟ ସରପଞ୍ଚ ଯୋଗଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ରୀଡ଼ା ଉତ୍ସବ

ପାଟଣା,୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଷ୍ଟାଡ଼ିୟମରେ ମଙ୍ଗଳବାର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭା ଶିଶୁମନ୍ଦିରର ସଭାପତି ଅରବିନ୍ଦ ଦାଶଙ୍କ ଅଧକ୍ଷତାରେ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ କ୍ରୀଡ଼ାବିତ୍ ପ୍ରମୋଦ ଭଞ୍ଜ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ହଳଧର ମହାନ୍ତ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ଶିକ୍ଷକ ଡମ୍ବରୁଧର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ମୋଟ ୨୫୭ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କ୍ରୀଡ଼ାଶିକ୍ଷକ ବେଣୁଧର ମହାନ୍ତ, ଗୁରୁଜୀ ଗଜେନ୍ଦ୍ର ମହାନ୍ତ, ହୀରାଲାଲ ମହାନ୍ତ, ନବକିଶୋର ମହାନ୍ତ, ରବୀନ୍ଦ୍ର ନାଏକ ପ୍ରମୁଖ କ୍ରୀଡ଼ାକୁ ପରିଚାଳନା କରିଥିଲେ।

### ଶିଶୁ ସାହିତ୍ୟିକଙ୍କ ପରଲୋକରେ ଶୋକ

କେନ୍ଦୁଝର,୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲାର ବିଶିଷ୍ଟ ଶିଶୁ ସାହିତ୍ୟିକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର



ଟସରଟୁଆଁ, ଘଟରଘୁମା ଓ ଧାଇଁଗିଡ଼ିକି ଶୀର୍ଷକ ତିନୋଟି ଶିଶୁ କବିତା ସଂକଳନ ପ୍ରକାଶ ପାଇଥିବା ବେଳେ ଶିଶୁ ସାହିତ୍ୟ ପତ୍ରିକା ସଂସାର, ଶିଶୁବଜାର, ସମ୍ବାଦପତ୍ର ହୀରାଖଣ୍ଡ, ମିଳନୀ ସାହିତ୍ୟ ସଂସଦ ସମେତ ବହୁ ସାରସ୍ୱତ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କର ବହୁ ଲେଖା ବିଶେଷ କରି ଶିଶୁମାନଙ୍କ ପାଇଁ ଲେଖା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଛି। ଯାହାକି ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ତାଙ୍କ ଦେହାନ୍ତରେ ବହୁ ସାରସତ୍ୱ ସାଧକ, ଲେଖକ, କବି ତଥା ପ୍ରଶଂସକମାନେ ଶୋକବ୍ୟକ୍ତ କରିଛନ୍ତି।

# ରାସ୍ତାକଡ଼ରେ ପକାଯାଉଛି ସେସ୍‌ପୁଲ ମଇଳା

**■ନାହିଁ ଏସ୍‌ଇଟିପି ବ୍ୟବସ୍ଥା**
**■ବଢ଼ୁଛି ଜନଅସନ୍ତୋଷ**

କେନ୍ଦୁଝର,୮।୧୨(ସ୍ୱ.ପ୍ର.)

ପାଇଖାନା ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ବା ସେପ୍‌ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସ୍‌ଇଟିପି) କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ରହିଛି। ଏହି ପ୍ରକଳ୍ପ ପାଇଖାନାକୁ ବିଶୋଧନ କରିବା ସହ କଠିନ ବସ୍ତୁକୁ ଅଲଗା କରି ସାରରେ ପରିଣତ କରିଥାଏ। ଏହା ବ୍ୟବହାର ଦ୍ୱାରା ବାହାର ପରିବେଶ ମଧ ପ୍ରଦୂଷିତ ହୋଇ ନ ଥାଏ। କିନ୍ତୁ କେନ୍ଦୁଝର ସହରରେ ସେଭଳି ବ୍ୟବସ୍ଥା ନ ଥିବାରୁ ପାଇଖାନା ଟାଙ୍କି ପାଣି ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ମଇଳା ପାଣି ସହରର ବିଭିନ୍ନ ରାସ୍ତା କଡ଼ରେ ପକାଯାଉଛି। ପରିବେଶ ବହୁ ମାତ୍ରାରେ ଦୂଷିତ ହେବା ସହ ଜଳ ପ୍ରଦୂଷଣ ସହରର ପରିବେଶକୁ ଦୁର୍ଗନ୍ଧମୟ କରୁଛି।

ପ୍ରକାଶ ଯେ, କେନ୍ଦୁଝରଗଡ଼ ପୌରପାଳିକାର ୨୧ଟି ୱାର୍ଡ ରହିଛି। ପ୍ରତ୍ୟେକ ମାସ ପାଖାପାଖି ୧୦୦ଟ୍ରିପ୍‌ରୁ ଊର୍ଦ୍ଧ୍ୱ ପାଇଖାନା ପାଣି ବାହାରୁଛି। କେନ୍ଦୁଝରଗଡ଼ ପୌରପାଳିକାର ଜନସଂଖ୍ୟା ଦୃଷ୍ଟିରୁ ୫ରୁ ଅଧିକ ସେସପୁଲ ଗାଡ଼ିର ଆବଶ୍ୟକତା ଥିବାବେଳେ ମାତ୍ର ଗୋଟିଏ ଗାଡ଼ିରେ କାମ ଚଳାଉଛନ୍ତି। ଫଳରେ ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ଗାଡ଼ି ଅନେକ ସମୟରେ ଉପଲବ୍ଧ ହେଉ ନ ଥିବାରୁ ଅଧିକ ମୂଲ୍ୟ ଦେଇ ଘରୋଇ ସେସ୍‌ପୁଲ ଗାଡ଼ି ବ୍ୟବହାର କରିବାକୁ ଲୋକେ ବାଧ ହେଉଛନ୍ତି। ମାତ୍ର କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଅଦ୍ୟାବଧି ବିଶୋଧନ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବାରୁ ଆବର୍ଜନା ପାଣି ଏଣେତେଣେ ପକାଯାଉଛି। ଏନେଇ ଅନେକ ସମୟରେ ଜନଅସନ୍ତୋଷ ଦେଖାଦେଉଛି ବୋଲି ପୂର୍ବତନ ଅଧକ୍ଷ ପ୍ରଭଞ୍ଜନ ପଟ୍ଟନାୟକ କହିଛନ୍ତି। ସଦର ତହସିଲ ଅନ୍ତର୍ଗତ ବଳଭଦ୍ରପୁରଠାରେ ୨ ଏକର ଜମିରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏସଇଟିପି ପ୍ରକଳ୍ପ କାମ ହେଉଛି ବୋଲି କୁହାଯାଉଛି। ଏଥିପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସିଟିଇ ପାଇଥିଲେ ମଧ ୮ ମାସ ପରେ ମଧ କାମ ସମ୍ପୂର୍ଣ୍ଣ ହେଉ ନାହିଁ। ସେହିପରି ଆନନ୍ଦପୁର ପୌରପାଳିକାରେ ମଧ ସମାନ ଭାବେ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବାରୁ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ‘ଖବରଦାତା-ପ୍ରଶାସନ ମଧ୍ୟରେ ସୁସମ୍ପର୍କ ଜରୁରୀ’




ଖବରଦାତାମାନଙ୍କ ସମାବେଶ।

ଔପଦା, ୮।୧୨

ବାଲେଶ୍ୱର ଜିଲା ଔପଦା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଭିଷେକ ଦାଶ ସମାବେଶରେ ତତ୍ତ୍ୱାବଧାନ କରି ସମାଜରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ, ପ୍ରଶାସନ ଓ ଖବରଦାତାଙ୍କ ମଧ୍ୟରେ ସମନ୍ୱୟ ରହିଲେ ବିକାଶଧାରା ଆଗେଇପାରିବ। ପଞ୍ଚାୟତରୁ ଗ୍ରାମ ପର୍ଯ୍ୟନ୍ତ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନିକଠାରେ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ବକ୍ତବ୍ୟରେ କହିଥିଲେ। ବ୍ଲକ ଅତିରିକ୍ତ ସିପି ମାନସ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖବରଦାତା ସମାବେଶରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ବିସିବିସ୍ମା ପାତ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ଶରତ କୁମାର ମଲ୍ଲିକ, ଥାନା ଅଧିକାରିଣୀ କମଳିନୀ ଟାଣ୍ଡି, ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଭାକର ସାହୁ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ପପୁ ଭୂୟାଁ ଅତିଥିମାନେ ଖବରଦାତା ଓ ପ୍ରଶାସନ ମଧ୍ୟରେ ସମ୍ପର୍କ ରହିଲେ ବିକାଶଧାରା ଆଗେଇବା ସହ ଏଥିପାଇଁ ସ୍ୱଚ୍ଛତା ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ ଖବରଦାତା ରାମଚନ୍ଦ୍ର ଦାଶ, ଗୟାଧର ନାୟକ, ଗୟାଧର ତ୍ରିପାଠୀ ଓ ଅଶୋକ କୁମାର ପ୍ରଧାନଙ୍କୁ ବ୍ଲକ ପକ୍ଷରୁ ମାନପତ୍ର ସହ ଉପଢ଼ୌକନ ଓ ଦେବାଦେବୀ ମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ସମସ୍ତ ଗଣମାଧ୍ୟମର ଖବରଦାତାଙ୍କୁ ଉତ୍ତରୀୟ ଓ ପ୍ରତିମୂର୍ତ୍ତି ଦେଇ ସ୍ୱାଗତ କରିଥିଲେ।

# ବିଜ୍ଞାନ ମେଳାରେ ୧୯୧ ପ୍ରକଳ୍ପ




ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି।

ଭୋଗରାଇ, ୮।୧୨(ଡି.ଏନ.ଏ.)

**ଜିଲାସ୍ତରକୁ ୭ ମନୋନୀତ**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୋହରିଆ ହରପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଦୁଇଦିନିଆ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ପୌରୋହିତ୍ୟରେ ଶିକ୍ଷକ ଅରୁଣ କୁମାର ଧଡ଼ା ମଞ୍ଚ ଆହ୍ୱାନ କରିଥିଲେ। ବିଜ୍ଞାନମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଶ୍ରୀନିବାସ ପ୍ରଧାନ ମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଈଶ୍ୱର ଚନ୍ଦ୍ର ଗିରି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀହରି ଚରଣ ସାମଲ, ମୂରଲୀମୋହନ ପ୍ରଧାନ, ଅଧ୍ୟାପକ ଦୁର୍ଗେଶ ନାୟକ, ଅବସରପ୍ରାପ୍ତ ବିଆର୍‌ସିସି ବଂଶୀଧର ସାହୁ, ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି ପ୍ରମୁଖ ବିଜ୍ଞାନ ମଣିଷକୁ ନୂତନ ଆଲୋକ ଦେଖାଏ ବୋଲି ପ୍ରକାଶ କରିଥିଲେ।

ବୁଧବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଓ ଉଦ୍‌ଘାଟକ ଭାବେ ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଭାବେ ଆର୍‌ଆର୍‌ଏଟ୍‌ଏସ୍‌ର ଅବସରପ୍ରାପ୍ତ ଅଧକ୍ଷ କୃତୀବାସ ସାହୁ, ସମ୍ମାନିତ ଅତିଥି ଭାବେ ବିଡିଓ ଶଙ୍କର କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଗୀରଥ ଗିରି, ସିଆର୍‌ସିସି ବେନୁଚରଣ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଦୁଇଦିନିଆ ବିଜ୍ଞାନମେଳାରେ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୁନି କୁନି ବୈଜ୍ଞାନିକମାନେ ବିଜ୍ଞାନ କାରିଗରୀ କୌଶଳ, ସହନଶୀଳ କୃଷିର ବିକାଶ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସମ୍ବଳ ସୁପରିଚାଳନା, ଶିକ୍ଷାୟନର ୧୯୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରି ଭବିଷ୍ୟତରେ ବୈଜ୍ଞାନିକ ହେବାର ଦୃଢ଼ ଇଚ୍ଛାଶକ୍ତି ଥିବା ପ୍ରକାଶ କରିଛନ୍ତି। ଦକ୍ଷ ବିଚାରକ ମଣ୍ଡଳୀ ଦ୍ୱାରା ୭ଟି ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ଛାତ୍ରୀଛାତ୍ର ଶିକ୍ଷକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ବିଜ୍ଞାନମେଳାକୁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଦାସ, ଉତ୍ତମ କୁମାର ସାମଲ ଓ ଓଷ୍ଟାର ଜିଲା ଯୁଗ୍ମ ସମ୍ପାଦକ ରାଜେନ୍ଦୁ ବିକାଶ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ୧୬ରୁ ସୀମାନ୍ତ ଯୁବ ମହୋତ୍ସବ

ସାରସକଣା,୮।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖାରପୋଖରୀଆସ୍ଥିତ ଦୁର୍ଗାପୂଜା ପଡ଼ିଆରେ ଆସନ୍ତା ୧୬ରୁ ତିନି ଦିନ ଧରି ସୀମାନ୍ତ ଷଷ୍ଠ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଜାତୀୟ ଯୁବ ପ୍ରକଳ୍ପ ଓ ସୀମାନ୍ତ ଯୁବ ସମିତି ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜବିହାରୀ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବ ସମିତି ସଭାପତି ଅଶୋକ ପୃଷ୍ଟି, ସମ୍ପାଦକ ବାସୁଦେବ ପାତ୍ର, ଅଧ୍ୟାପକ ଶିଶିର ପଟ୍ଟନାୟକ, ସରୋଜ ନାୟକ, ବାବା ସଞ୍ଜୟ ଦାସ, ଗୁଲୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ, ଛାତ୍ରୀଛାତ୍ର, ସମାଜସେବୀଙ୍କୁ ନେଇ ଆୟୋଜିତ ହେଉଥିବା ଏହି ମହୋତ୍ସବରେ କଳାର ବିକାଶ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜାତୀୟ ଯୁବ ପ୍ରକଳ୍ପ ଜିଲା ସଂଯୋଜକ ମଳୟ ନାୟକ ପ୍ରକାଶ କରିଥିଲେ। ମୟୂରଭଞ୍ଜର ପାରମ୍ପରିକ ଢୁଙ୍ଗୁଲ ନୃତ୍ୟ ସହିତ ଛାତ୍ରୀଛାତ୍ର ଓ ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ମୟୂରଭଞ୍ଜ ମହାରାଣୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକମାନେ ଜଣାଇଛନ୍ତି।

# ଟିଟିଆ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଗୋପବନ୍ଧୁ ନଗର,୮।୧୨(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ଟିଟିଆ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ନିପାଶା ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ବାଳକ ଓ ବାଳିକା ବିଭାଗର ମୋଟ ୩୨ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ଦେବାଶିଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇ ଥିବା ବେଳେ କାର୍ତ୍ତିକ ଚନ୍ଦ୍ର ବେହେରା, ସ୍ୱାତି ସୁଚରିତା ନାଏକ, ଜିତେନ୍ଦ୍ର ବେହେରା, ବିନ୍ଦ ମୁର୍ମୁ, ରାଜକୁମାର ମାଝୀ, ସୌମ୍ୟାଶ୍ରୀ ସେନାପତି, ଚିନ୍ମୟ ସେନାପତି, ତବସୁମା ଆରା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ବାଳକ ବରିଷ୍ଠ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ମହେଶ ବେନ୍ତାଳ, କନିଷ୍ଠରେ ଅଷ୍ଟମ ଶ୍ରେଣୀ ଛାତ୍ର କୁନାଲ ଟୁଡୁ, ବାଳିକା ବରିଷ୍ଠ ବିଭାଗରେ ନବମ ଶ୍ରେଣୀ ଛାତ୍ରୀ ସସ୍ମିତା କିସ୍କୁ ଓ କନିଷ୍ଠରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ପୂଜା ନାଏକ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ମୁଖ୍ୟ ବକ୍ତା ପୂର୍ବତନ ଅଧକ୍ଷ ବିଶ୍ୱମୋହନ ମହାପାତ୍ର, ସମ୍ମାନିତ ଅତିଥି ନମ୍ରତା ସେନାପତି ଓ ସୁନିତା ସୋରେନ ଯୋଗଦେଇଥିଲେ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ

ଖଇରା, ୮।୧୨(ଡି.ଏନ.ଏ.)



ଖଇରା ତହସିଲକୁ ଅଭିଯୋଗର ନକଲ ଦେବାକୁ ଆସିଥିବା ଗ୍ରାମବାସୀ।

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଗଣ୍ଡିବେଡ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ କାର୍ଯ୍ୟ କରାଇବା ପାଇଁ ଲୋକଙ୍କ ନିକଟରୁ ବେଆଇନ ଭାବେ ଅର୍ଥ ଦାବି କରୁଥିବା ନେଇ ବିଭିନ୍ନ ଗ୍ରାମର ଅଧିବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସୋର-କୁପାରୀ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗର ନକଲ ଖଇରା ତହସିଲଦାର, ୫ଟି ସଚିବ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

ଉକ୍ତ କାର୍ଯ୍ୟାଳୟରେ ଥିବା ଆରଆଇ ସମସ୍ତ କାର୍ଯ୍ୟ ଉକ୍ତ କର୍ମଚାରୀଙ୍କ ମାଧ୍ୟମରେ କରାଉଛନ୍ତି। ଏଥିପାଇଁ ସେ ଜନତାଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ଏହି କାର୍ଯ୍ୟକୁ ବିରୋଧ କରୁଥିବା ଆରଆଇମାନଙ୍କୁ ସେ ଅନ୍ୟତ୍ର ବଦଳି କରିବାର ନଜିର ଥିବାରୁ ଆସୁଥିବା ଆରଆଇମାନେ ତାଙ୍କ ବିରୋଧରେ କିଛି କହିବାକୁ ସାହସ ଜୁଟାଇ ପାରିନାହାନ୍ତି । ଏ ସମ୍ପର୍କରେ ଖଇରା ତହସିଲଦାର ମହେନ୍ଦ୍ର ବେହେରାଙ୍କୁ ପଚରାଯିବାରୁ କହିଛନ୍ତି, ଏ ଅଭିଯୋଗର ଗୋଟିଏ ପ୍ରମାଣ ଦେଲେ ତୁରନ୍ତ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସୁବିଧା ହୋଇପାରନ୍ତା । ତଥାପି ଅଭିଯୋଗର ତଦନ୍ତ କରାଯିବ, ସତ୍ୟତା ମିଳିଲେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ୍ସ କ୍ୟାଡର, ଗଣଶିକ୍ଷକଙ୍କ ଦାବିପତ୍ର

ପଦ୍ମପୁର, ୮।୧୨(ଡି.ଏନ.ଏ.)

ରାଜ୍ୟ ଏକ୍ସ କ୍ୟାଡର ଓ ଗଣଶିକ୍ଷକ ମହାସଂଘ ନିଷ୍ପତ୍ତି ଅନୁସାରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସଂଘର ସଭାପତି ରାଧାଶ୍ୟାମ ବାରିକଙ୍କ ନେତୃତ୍ୱରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୧୨ ତାରିଖଠାରୁ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ନାୟକ, ଶତ୍ରୁଘ୍ନ ପଣ୍ଡୁଆ, ଘନଶ୍ୟାମ ପ୍ରଧାନ, ଆରତି ମହାପାତ୍ର, କମଳାକାନ୍ତ ନାୟକ, ରାଇକିଶୋର ମଣ୍ଡଳ, ସଞ୍ଜୁଲତା ନାୟକ, ଅଭୟ କୁମାର ସାହୁ, ଗୀତାରାଣୀ ପ୍ରଧାନ, ମନୋଜ କୁମାର ପଣ୍ଡା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

**OFFICE OF THE MUNICIPAL COUNCIL, KEONJHARGARH**
At/P.O.-Keonjhargarh, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail:-keonjharm.hud@rediffmail.com
Website - https://keonjhargarhmc.in/
**“Expression of Interest (EOI) for Management of Ward Offices by Mission Shakti SHG During the Year 2023-24”**
No.9040 Date:05.12.22
**No.C-1823:**Keonjhargarh Municipality invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the Year 2023-24. The sealed Expression of Interest should be submitted to the address of respective ULBs on or before date 20/12/2022, Time-5:30 P.M by registered/speed post only.
The Technical Bid will be opened on date 21/12/2022 at 11A.M in the Mini conference hall of Keonjhargarh Municipality. The sealed envelope should be superscripted with “EOI for Management of Ward Offices by Mission Shakti SHGs, 2023-24”. The detailed terms and conditions of the Expression of Interest is available in website.
https://keonjhargarhmc.in/, https://kendujhar.nic.in/
Sd./-Executive Officer, Keonjhargarh Municipality
OIPR-13115/11/0010/2223

# ‘ଶିକ୍ଷାର ପ୍ରଚାର ପ୍ରସାରରେ ମୁରଲୀଧରଙ୍କ ଉଦ୍ୟମ ପ୍ରଶଂସନୀୟ’

ଧାମନଗର, ୮।୧୨(ଡି.ଏନ.ଏ)

ଜଣେ ରାଜନୀତିଜ୍ଞ ଭାବେ ମୁରଲୀଧର ଭିନ୍ନ ବ୍ୟକ୍ତିତ୍ୱର ମଣିଷ ଥିଲେ। ଧାମନଗରର ସର୍ବାଙ୍ଗୀନ ଉନ୍ନତି ପାଇଁ ବହୁ ଉଦ୍ୟମ କରିବା ସହ ମୁଖ୍ୟତଃ ନିର୍ବାଚନମଣ୍ଡଳୀରେ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ସେ ଦୂରଦୃଷ୍ଟି ସମ୍ପନ୍ନ ବିରଳ ବ୍ୟକ୍ତିତ୍ୱ ଥିଲେ ବୋଲି ପୂର୍ବତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମୁରଲୀଧର ଜେନାଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଧାମନଗରସ୍ଥିତ ମହତାବ ସେବା ସଦନ ପରିସରରେ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବିଜୁ ପଟ୍ଟନାୟକ ଛକଠାରେ ମୁରଲୀଧର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ସ୍ମୃତି ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ଦାସ ବେନହୁର ଓ ମୁଖ୍ୟବକ୍ତା ଭାବେ ଅର୍ଥନୀତି ଗବେଷକ ପ୍ରଫେସର ବଳରାମ ମିଶ୍ର ଓ ସ୍ୱର୍ଗତ ଜେନାଙ୍କ ନାତୁଣୀ ସୁଲଗ୍ନା ଜେନା ଯୋଗ ଦେଇଥିଲେ। ଏହି



ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଉଛି।

ଅବସରରେ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ବ୍ରଜ କିଶୋର ରାଉତ, ଶିକ୍ଷାବିତ୍ ବାବାଜୀ ପଣ୍ଡା, ମହମ୍ମଦ ଅସ୍କରି ଅଲ୍ଲୀ ଓ ଜଗନ୍ନାଥ ରାୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ବାସୁଦେବ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଖବରଦାତା ପ୍ରଦୀପ କୁମାର ମହାପାତ୍ର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଅଭିଷେକ ରାଉତ, ନାରାୟଣ ପାଢ଼ୀ, ଦୟାନିଧି ମିଶ୍ର, ସନ୍ତୋଷ ଦାସ, ରବୀନ୍ଦ୍ର ବେହୁରିଆ, ପ୍ରତାପ ସାମଲ, ବିରେନ୍ଦ୍ର ଜେନା, ଦେବାଶିଷ ସାମଲ, ରସାନନ୍ଦ ମହାପାତ୍ର, ଅନିଲ କୁମାର ବାରିକ, ଅଶୋକ ପୁହାଣ, ବିଦ୍ୟାଧର ରାଉତ, ସଚ୍ଚିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବିବାଦୀୟ ନେତା ଥିଲେ

ଆରଡ଼ି, ୮।୧୨ (ଡି.ଏନ.ଏ.)- ଧାମନଗର ବ୍ଲକ ବେତାଳିଗାଁ ବଜାରରେ ଥିବା ଗାନ୍ଧୀ ମଣ୍ଡପ ପରିସରରେ ମୁରଲୀଧର ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସେନା ଅଧିକାରୀ କାଶୀନାଥ ମହାନ୍ତିଙ୍କ ଅଧକ୍ଷତା ଓ ଶିକ୍ଷକ ଚିତ୍ରଭାନୁ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଇସ ଚାନ୍ସଲର ଅଟଳ ବିହାରୀ ନାୟକ ମୁଖ୍ୟଅତିଥି, ଆଇନଜୀବୀ ନିରାକାର ଜେନା ମୁଖ୍ୟବକ୍ତା, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ହରେକୃଷ୍ଣ ନାୟକ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ରମେଶ ଚନ୍ଦ୍ର ଦାସ, ଆଇନଜୀବୀ କୁଳମଣି ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁରଲୀଧର ଜଣେ ନିର୍ବିବାଦୀୟ ନେତା ଥିଲେ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ବିଭୂତି ଭୂଷଣ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ନିକୁଞ୍ଜକିଶୋର ଜେନା ଅତିଥି ପରିଚୟ ଓ ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



ସଭାରେ ଉପସ୍ଥିତ ଅତିଥିମାନେ।

**ZILLA SWASTHYA SAMITI,NABARANGPUR**
**OFFICE OF CDM & PHO-cum-District Mission Director, Nabarangpur**
Advt.No.316/NHM/NGP Date:07.12.2022
**ADVERTISEMENT**
**No.E-710:**Applications are invited from the eligible candidates to fill up various posts under National Health Mission(NHM) Nabarangpur on contractual basis with monthly remuneration as noted against each. Applicants can log on to www.nabarangpur.nic.in for details of vacancy, eligibility criteria, Age,Remuneration,Application forms and other terms & conditions. The candidates are advised to send their self attested photocopies of all the relevant educational certificates in accordance to post applied for along with the completed prescribed Application Form as hoisted in the website and can apply to the CDM & PHO, Nabarangpur AT /PO-Mirganguda District:-Nabarangpur.PIN-764059.through Registered Post/ Speed Post only to the undersigned on or before 27.12.2022 by 5 PM.The envelope containing the application should be superscribed clearly with the name of the post applied for........ The candidates are requested to log on to district website of Nabarangpur www.nabarangpur.nic.in regarding notification of selection process/Shortlisted candidates / updated result / notification etc.The undersigned reserves the right for any modification /cancellation of advertisement without assigning any reason thereof.
Sd./- (Dr. Kali Prasad Behera)
CDM & PHO-cum-District Mission Director
Nabarangpur
OIPR-10164/11/0002/2223

